## ସଂକ୍ଷେପରେ

### ଜିଲା ଷ୍ଟାଣ୍ଡିଂ କମିଟି ବୈଠକ



ଭବାନୀପାଟଣା,୧୯।୭(ଉତ୍ତମ କୁମାର ଦାଶ): ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲାପରିଷଦ ସମ୍ମିଳନୀ ଗୃହରେ ଜିଲା ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚେୟାରପର୍ସନ ଦୟାନିଧି ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବନ ବିଭାଗ, ପିଡିଏସ୍, ସିଏସ୍ଓ, ଭେଟେରେନେରି ବିଭାଗ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଗତ ୨୦୨୨-୨୩ ଓ ୨୦୨୩-୨୪ରେ କେତେ ଚାରା ରୋପଣ କରାଯାଇଛି ପଚାରି ବୁଝିବା ସହ ଉନ୍ନତମାନର ଚାରା ଯୋଗାଇବା ପାଇଁ ବନ ଅଧିକାରୀଙ୍କୁ ଚେୟାରପର୍ସନ ନାଏକ ପରାମର୍ଶ ଦେଇଥିଲେ। ସେହିପରି ହାତୀପଲ ଦ୍ୱାରା କ୍ଷତି ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ପାଇଁ ଆଲୋଚନା କରିଥିଲେ। ପିଡିଏସ୍ ଦ୍ୱାରା ନୂତନ ହିତାଧିକାରୀ ଚୟନ କରି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଓ ଧାନ କିଣାରେ ମଣ୍ଡି ଦୃଢ଼ କରାଯିବା ପାଇଁ ଆଲୋଚନା ହୋଇଥିଲା। ଚାଷୀମାନଙ୍କୁ ପ୍ରତି ବସ୍ତା ପାଇଁ ୪୦ ଟଙ୍କା ଦେବା ଓ ୧୨ ଘଣ୍ଟା ମଧ୍ୟରେ ଚାଷୀର ଧାନ ଓଜନ କରିବା ପାଇଁ ଆଲୋଚନା ହୋଇଥିଲା। ଏସ୍‌ଟି, ଏସ୍‌ସି ଛାତ୍ରାବାସରେ ଉନ୍ନତମାନର ଖାଦ୍ୟ ଓ ପିଇବା ପାଣି ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପିଡି ଓ ଜିଲା ପରିଷଦ କାର୍ଯ୍ୟାଳୟର କର୍ମକର୍ତ୍ତା, ଷ୍ଟାଣ୍ଡିଂ କମିଟି ସଭ୍ୟା ସରିତା ମାଝି, ସୁନୀତା ଶବର ପ୍ରମୁଖ ଉପସ୍ଥିତ ଥିଲେ।

### ଧରିତ୍ରୀରେ ଖବର ପ୍ରକାଶ ପରେ ଫଳକ ଲାଗିଲା




ନୂଆପଡ଼ା,୧୯।୭ (ମକାରୁ ବେମାଲ): ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ନୂଆପଡ଼ା ଜିଲା କୋମନା ବ୍ଲକ୍ ଜଟଗଡ଼ ପଞ୍ଚାୟତ ଫୁଟ୍‌ବଲ ଖେଳପଡ଼ିଆରେ ନାମ ଫଳକ ଲେଖାଯାଇଛି। ସୂଚନାଯୋଗ୍ୟ, ଉକ୍ତ ଫୁଟ୍‌ବଲ ଖେଳ ପଡ଼ିଆ ଉପରେ ପଞ୍ଚାୟତର ସବୁ ଖେଳାଳି ନିର୍ଭର କରିବା ସହ ବିଦ୍ୟାଳୟସ୍ତରୀୟ ଖେଳ ପ୍ରତିଯୋଗିତା ହୋଇଥାଏ । ପଡ଼ିଆରେ ଷ୍ଟେଜ୍ ନ ଥିବାରୁ ସଭାସମିତି କିମ୍ବା କୃତୀ ଖେଳାଳିଙ୍କୁ ପୁରସ୍କାର ଦେବା ସମୟରେ ଟେଣ୍ଟ ହାଉସ ଭଡ଼ା ଆଣିବାକୁ ପଡ଼େ। ଷ୍ଟେଜ୍ ନିର୍ମାଣ ପାଇଁ ଦୀର୍ଘଦିନରୁ ପଞ୍ଚାୟତବାସୀ ଦାବି କରିଆସୁଥିଲେ । ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚଦଶ ଅର୍ଥ କମିଶନରୁ ୨ ଲକ୍ଷ ୫୮ ହଜାର ୯୯୦ ଟଙ୍କା ବ୍ୟୟ ଅଟକଳରେ ଷ୍ଟେଜ୍ ନିର୍ମାଣ ହୋଇଛି। ନିର୍ମାଣର ୧୫ଦିନ ବିତିଯାଇଥିଲେ ମଧ୍ୟ ନାମଫଳକ ଲେଖାଯାଇ ନ ଥିବା ନେଇ ଗତ ବୁଧବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଷ୍ଟେଜ୍ ନିର୍ମାଣ ହୋଇଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ଚଟାଣରେ ଫାଟ ସୃଷ୍ଟି ହୋଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି।

### କୃଷି ସମବାୟ ସମିତି ପକ୍ଷରୁ ରକ୍ତଦାନ ଶିବିର

କର୍ଲାମୁଣ୍ଡା,୧୯।୭(ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପଞ୍ଚାୟତସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ଲା ବିଧାୟିକା ମନୋରମା ମହାନ୍ତି ମୁଖ୍ୟଅତିଥି ଓ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ନର୍ଲା ପଞ୍ଚାୟତ ସମିତି ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ବିଆର୍‌ସିଏସ୍ ପ୍ରମୋଦ କୁମାର ସାହୁ, ଏଆର୍‌ସିଏସ୍ ମଧୁସୂଦନ ମେହେର, ସମବାୟ ସମିତି ସଭାପତି ଦେବରାଜ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ ୪୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ ସମିର ରାଉତ, ମହେନ୍ଦ୍ର ଭୋଇ, ଭୈରବ ସାହୁ, ଅମର ବେହେରା, ସମ୍ପାଦକ ସୁମନ୍ତ ସାହୁ, ଡିଇଓ ସଞ୍ଜୟ ସାହୁ, ରିଙ୍କୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କଳାହାଣ୍ଡି ଜିଲାରେ ଅଙ୍ଗନୱାଡି ଚାଉଳ ବାଟମାରଣା

ଭବାନୀପାଟଣା,୧୯।୭(ଉତ୍ତମ କୁମାର ଦାଶ)



ଅଙ୍ଗନୱାଡି ପିଲାଙ୍କ ପାଇଁ ଆସୁଥିବା ଚାଉଳ।

- ପ୍ରତି ବସ୍ତାରେ ୧୦ରୁ ୧୨ କେଜି କମ୍ ରହୁଥିବା ଅଭିଯୋଗ
- ଯୋଗାଣକାରୀଙ୍କ ଉପରେ ହେଉନି କାର୍ଯ୍ୟାନୁଷ୍ଠାନ

କଳାହାଣ୍ଡି ଜିଲାରେ ଅଙ୍ଗନୱାଡି ପିଲାଙ୍କ ପାଇଁ ଆସୁଥିବା ଚାଉଳ ବାଟମାରଣା ହେଉଥିବା ନଜରକୁ ଆସିଛି। ୫୦କେଜି ବସ୍ତାରେ ୧୦ରୁ ୧୨କେଜି ଚାଉଳ କମ ରହୁଥିବା ଅଭିଯୋଗ ହେଉଛି। କେତଜଣ ଅଙ୍ଗନୱାଡି କର୍ମୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ଏହା ପ୍ରକାଶ କରିଛନ୍ତି। ଦୀର୍ଘଦିନ ହେବ ଏହି ସମସ୍ୟା ଲାଗିରହିଥିବାବେଳେ ଚାଉଳ ଯୋଗାଣକାରୀଙ୍କ ଉପରେ ପ୍ରଶାସନ ତଥା ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ସମସ୍ତଙ୍କୁ ଚକିତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲାର ୧୩ ବ୍ଲକରେ ମୋଟ୨୩୬୩ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ଭବାନୀପାଟଣା ପୌରପାଳିକାରେ ୭୩ଟି କେନ୍ଦ୍ର ରହିଛି। ଏହି କେନ୍ଦ୍ରରେ ରନ୍ଧାଖାଦ୍ୟ ଖାଉଥିବା ପ୍ରାକ୍ ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ସଂଖ୍ୟା ୨୫୧୬ ରହିଛି। ସେହିପରି ଭବାନୀପାଟଣା ବ୍ଲକରେ ୨୫୬ କେନ୍ଦ୍ରରେ ରନ୍ଧାଖାଦ୍ୟ ଖାଉଥିବା ପିଲାଙ୍କ ସଂଖ୍ୟା ରହିଛି ୯୧୨୪। ଧର୍ମଗଡ ସହର ଓ ବ୍ଲକର ମୋଟ ୧୯୪ ଅଙ୍ଗନୱାଡି କେନ୍ଦ୍ରରେ ୮୦୫୨ ପିଲା, ଗୋଲାମୁଣ୍ଡା ବ୍ଲକର ୧୮୪ କେନ୍ଦ୍ରରେ ୭୦୬୦, ଜୟପାଟଣା ବ୍ଲକର ୧୭୨ କେନ୍ଦ୍ରରେ ୬୮୯୫, ଜୁନାଗଡ ବ୍ଲକର ୨୪୮କେନ୍ଦ୍ରରେ ୯୭୮୫, କଲମପୁର ବ୍ଲକର ୭୯ କେନ୍ଦ୍ରରେ ୩୦୨୨, କର୍ଲାମୁଣ୍ଡା ବ୍ଲକର ୭୫ କେନ୍ଦ୍ରରେ ୨୨୫୦, କେସିଙ୍ଗା ବ୍ଲକର ୧୯୫ କେନ୍ଦ୍ରରେ ୫୯୫୬, କୋକସରା ବ୍ଲକର ୧୬୮ କେନ୍ଦ୍ରରେ ୬୩୧୨, ଲାଞ୍ଜିଗଡ ବ୍ଲକର ୨୨୬ କେନ୍ଦ୍ରରେ ୬୬୨୫, ମଦନପୁର ରାମପୁର ବ୍ଲକର ୧୫୩ କେନ୍ଦ୍ରରେ ୪୨୩୪, ନର୍ଲା ବ୍ଲକର ୧୫୬ କେନ୍ଦ୍ରରେ ୫୬୫୨ ଓ ଥୁଆମୂଳ ରାମପୁର ବ୍ଲକର ୧୮୪ କେନ୍ଦ୍ରରେ ୫୮୮୯ ପିଲା ରନ୍ଧା ଖାଦ୍ୟ ଖାଆନ୍ତି। ଏହିସବୁ ଅଙ୍ଗନୱାଡି କେନ୍ଦ୍ରମାନଙ୍କୁ ଚାଉଳ ଯୋଗାଣ କରିବା ପାଇଁ ନବରଙ୍ଗପୁର ଜିଲାର ଜଣୈକ ବ୍ୟକ୍ତି ଟେଣ୍ଡର ପାଇଛନ୍ତି। ପ୍ରତି ତିନିମାସରେ ଅଙ୍ଗନୱାଡି କେନ୍ଦ୍ରକୁ ଚାଉଳ ଯୋଗାଣ କରାଯାଇଥାଏ। ସମଗ୍ର ଜିଲାକୁ ହିସାବକୁ ନେଲେ ବର୍ଷକୁ ଅଙ୍ଗନୱାଡି ପିଲାଙ୍କ ଖାଦ୍ୟ ପାଇଁ ୧୯ଶହ କୁଇଣ୍ଟାଲରୁ ଅଧିକ ଚାଉଳ ଯୋଗାଣ ହେଉଛି। ୧ କୁଇଣ୍ଟାଲରେ ୨୦ କେଜି କମ୍ ହିସାବ କଲେ ବର୍ଷକୁ ୧୯ଶହ କୁଇଣ୍ଟାଲ ହିସାବରେ ପ୍ରତିବର୍ଷ ୩୮୦ କୁଇଣ୍ଟାଲରୁ ଅଧିକ ଚାଉଳ ବାଟମାରଣା ହେଉଥିବା ଜଣାପଡ଼ିଛି। ଏ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ହେଁ ପ୍ରଶାସନ ପକ୍ଷରୁ ଯୋଗାଣକାରୀଙ୍କ ଉପରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏ ନେଇ ଜିଲା ସାମାଜିକ ମଙ୍ଗଳ ଅଧିକାରୀ ମୁଜିବୁନ୍ ନିଶାଙ୍କୁ ପଚାରିବାରୁ ବସ୍ତାରେ ଚାଉଳ ଓଜନ କମ୍ ଆଶୁଥିବା କଥାକୁ ସ୍ୱୀକାର କରିବା ସହ ଏ ବିଷୟରେ କେତେକ ଅଙ୍ଗନୱାଡି କର୍ମୀ ଅଭିଯୋଗ କରିଥିଲେ ବୋଲି କହିଥିଲେ। ସେହିପରି ଅତିରିକ୍ତ ଜିଲାପାଳଙ୍କୁ ଏ ବିଷୟରେ ଜଣାଯାଇଛି। ଖୁବ୍‌ଶୀଘ୍ର ନୂତନ ଟେଣ୍ଡର ଡକାଯାଇ ବର୍ତ୍ତମାନ ଦେଉଥିବା ଏଜେନ୍ସିକୁ ବଦଳାଯିବ ବୋଲି କହିଥିଲେ।

## ଅଧିକାରୀଙ୍କୁ ଘେରିବାକୁ ଚେଷ୍ଟାକଲେ ବିରୋଧୀ ସଦସ୍ୟ

ନୂଆପଡ଼ା,୧୯।୭ (ମକାରୁ ବେମାଲ)

ନୂଆପଡ଼ା ସଦର ମହକୁମାସ୍ଥିତ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଷଷ୍ଠତମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା ଡଲି ମାଝିଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲାପାଳ ହେମକାନ୍ତ ସାୟ, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲା ପରିଷଦ ଉପାଧକ୍ଷ ଦୀପିକା ଦୀପ, ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ, ବ୍ଲକ ଅଧକ୍ଷ, ଉପାଧକ୍ଷ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ନବ ନିର୍ବାଚିତ ୨ ବିଧାୟକଙ୍କୁ ଜିଲା ପରିଷଦ ପକ୍ଷରୁ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

ବୈଠକରେ ସରକାରୀ ଦଳର ବିଶେଷ ପ୍ରତିନିଧି ନ ଥିଲେ। ବିରୋଧୀ ଦଳର ସଦସ୍ୟମାନେ ପ୍ରତି କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କୁ ଘେରିବାକୁ ଚେଷ୍ଟା କରିଥିଲେ। ବିଧାୟକ ଢୋଲକିଆଙ୍କ କାଞ୍ଚନବେନ ରସିକଲାଲ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଅନ୍ୱେଷା ଯୋଜନାରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ସୁବିଧା ମିଳୁଥିବା ନେଇ ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି ଅଭିଯୋଗ କରିଥିଲେ। ଏହାକୁ ନେଇ ବିଧାୟକ ଓ ଜିଲା ପରିଷଦ ସଦସ୍ୟଙ୍କ ମଧ୍ୟରେ କଥା କଟାକଟି ହେବା ସହ ଉଭୟେ ନିଜ ଆସନରୁ ଉଠି ପରସ୍ପରକୁ ଦୋଷାରୋପ କରିବା ଦେଖିବାକୁ ମିଳିଥିଲା। ଜିଲାପାଳଙ୍କ ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ସେହିପରି ଜିଲାରେ ଉଠାଜଳସେଚନ ବିଭାଗ ଦ୍ୱାରା ଗଭୀର ନଳକୂପ ଖନନ କରାଯାଉଛି । କିନ୍ତୁ ବିଦ୍ୟୁତ ସଂଯୋଗ ନ ହେବାରୁ ଚାଷୀଙ୍କ କାମରେ ଆସୁ ନ ଥିବା ସଦସ୍ୟମାନେ ଅଭିଯୋଗ କରି ଉଦ୍‌ବେଗ ପ୍ରକାଶ କରିଥିଲେ। ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ ସରକାରଙ୍କ ନିୟମ ଅନୁସାରେ ପ୍ରତ୍ୟେକ ବେସରକାରୀ ଶିକ୍ଷାନୁଷ୍ଠାନରେ ୨୫% ସିଟ୍‌ରେ ଗରିବ ପିଲାଙ୍କୁ ନାମ ଲେଖାଇବା କଥା । କିନ୍ତୁ ଜିଲାରେ କୌଣସି ଶିକ୍ଷାନୁଷ୍ଠାନରେ ଦେଖିବାକୁ ମିଳୁନାହିଁ । ଶେଷରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

## ଜଙ୍ଗଲଜମି ପଟ୍ଟା ପାଇଁ ବିଡିଓଙ୍କୁ ଦାବିପତ୍ର



ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଆଦିବାସୀ ମହିଳାପୁରୁଷ।

ପଲମ,୧୯।୭(ଭିକାରି ଗଉଡ଼)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ଟୁଟୁଙ୍ଗଝୁଲା, ଲିମୁରସିଙ୍ଗା, ମୁଡିଙ୍ଗପଦର, ସିନାପଦର ଭଳି ୧୦ରୁ ଅଧିକ ପଡ଼ାରେ ବସବାସ କରି ଆସୁଥିବା ଆଦିବାସୀ ଜନଜାତି ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପୁରୁଷାନୁକ୍ରମେ ଜଙ୍ଗଲଜମିରେ ରହିଆସୁଥିବା ଆଦିବାସୀମାନେ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି ଓ ମଜୁରି କରି ଜୀବିକା ନିର୍ବାହ କରୁଛନ୍ତି। ଏମାନଙ୍କୁ ସରକାର ଆବାସ ଯୋଜନାରେ ଘର ପ୍ରଦାନ କରିବା ସହ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ ମଧ୍ୟ ନିଜ ନାମରେ ଜମି ପଟ୍ଟା ନ ଥିବାରୁ ଘର ଖଣ୍ଡିଏ କରିପାରୁନାହାନ୍ତି। ରାଜ୍ୟ ସରକାର ୨୦୦୬-୦୭ ମସିହାରେ ଜଙ୍ଗଲଜମି ଅଧିକାର ଆଇନ ବଳରେ ପଟ୍ଟା ପ୍ରଦାନ କରାଯିବାକୁ ଘୋଷଣା କରିଥିଲେ। ହେଲେ ନର୍ଲା ବ୍ଲକ୍ ଅଞ୍ଚଳର ବିଭିନ୍ନ ଜାଗାରେ ବସବାସ କରୁଥିବା ଆଦିବାସୀମାନଙ୍କୁ ଜଙ୍ଗଲ ଜମିର ପଟ୍ଟା ମିଳିନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ପଟ୍ଟା ପ୍ରଦାନ କରିବାକୁ ଶୁକ୍ରବାର ଆଦିବାସୀମାନେ ନର୍ଲା ବିଡିଓ ରିପୁନାଥ ସୁନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ଜିଲା ପ୍ରଶାସନ ସହ ଆଲୋଚନା କରିବା ପରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଖଡ଼ିଆଳ କଲେଜରେ ଔଷଧୀୟ ଚାରା ରୋପଣ

ଖଡ଼ିଆଳ,୧୯।୭ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଭିନ୍ନ କିସମର ଔଷଧୀୟ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ. ତରୁଣ କୁମାର ପ୍ରଧାନ, ଯୁକ୍ତ ୨ ଅଧକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପକ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ହରନମ ସିଂ, ଅଧ୍ୟାପିକା ସୁମନ ପଟ୍ଟନାୟକ, ରୋବର ଅଧିକାରୀ ଅଧ୍ୟାପକ ହରିହର ବେସରା, ରେଞ୍ଜର ଅଧିକାରୀ ଅଧ୍ୟାପିକା ରାଜେଶରୀ କରୁଆଁ ଉପସ୍ଥିତ ଥିଲେ। ଅଧକ୍ଷ ପ୍ରଧାନ ବୃକ୍ଷରୋପଣର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ।

## ରାଜପଥରୁ ଚନାବେଡ଼ା ରାସ୍ତା ଶୋଚନୀୟ



ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

ଖଡ଼ିଆଳ,୧୯।୭(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ୩୫୩ ନମ୍ବର ଜାତୀୟ ରାଜପଥଠାରୁ ଚନାବେଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଶତାଧିକ ସ୍ଥାନରେ ଖାଲଖମା ରହିଥିବାରୁ ବର୍ଷାପାଣି ଜମିରହି କାଦୁଅ ହୋଇଯାଇଛି। ଫଳରେ ଯାତାୟାତ ବେଳେ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ, ଚନାବେଡ଼ା ଗ୍ରାମରେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ରହିଥିବାରୁ ଏହି ରାସ୍ତାଦେଇ ସାନମହେଶ୍ୱର, କୁଲିଗାଁ, ଘରଧରା, ରଜାମୁଣ୍ଡା, ସୁନାମୁଦି, ଝୋଲପଥର, ଦେଓବାହାଲ, ବରଗାଁ, ବେନ୍ଦ୍ରାବାହାଲ, କମାଜୋରି, ଠେଲକୋଡୁଙ୍ଗୁରୀ, କାଶିପଲା, ପୋଡାପାଲି ଆଦି ଗ୍ରାମର ରୋଗୀମାନେ ଯାଇଥାନ୍ତି। ହେଲେ ରାସ୍ତା ସମସ୍ୟା ଯୋଗୁ ସେମାନେ ଖଡ଼ିଆଳ ପଟକୁ ୫ କି.ମି. ରାସ୍ତା ଅଧିକ ବୁଲି ଯାଉଛନ୍ତି। ଏ ସମ୍ପର୍କରେ ଖଡ଼ିଆଳ ବିଡିଓ ବୀରସେନ ବେହେରାଙ୍କୁ ପଚାରିବାରୁ ଅତିଶୀଘ୍ର ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।

## ରାସ୍ତା ମରଣଯନ୍ତା: ବ୍ୟୟ ଅଟକଳ ସତ୍ତ୍ୱେ ନିର୍ମାଣ ହୋଇପାରୁନି

କର୍ଲାମୁଣ୍ଡା,୧୯।୭(ପ୍ରଦୀପ କୁମାର ସାହୁ)



ସିଲେଟପଡ଼ା ରାସ୍ତା ଖାଲଖମାରେ ଭରିରହିଛି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଜୋରାଡବରା ପଞ୍ଚାୟତ କୁଶୁର୍ଲା ହରଗୌରୀ ମନ୍ଦିର ଛକଠାରୁ ସିଲେଟପଡ଼ା ରାସ୍ତା ମରଣଯନ୍ତା ପାଲଟିଛି। ୨୦୧୫ରେ ପିଚୁ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମରାମତି ହୋଇନାହିଁ। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ପ୍ରତ୍ୟହ ଭାରିଯାନ ଯିବାଆସିବା କରିବା ଫଳରେ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଏହାର ମରାମତି ପାଇଁ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ୍ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବ ସରକାର ସମୟରେ ଆର୍‌ଡି ପକ୍ଷରୁ କୁଶୁର୍ଲା-ସିଲେଟପଡ଼ା ୩.୪୦ କି.ମି. ରାସ୍ତା ନିର୍ମାଣ ପାଇଁ ୧ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିବା ସିଲେଟପଡ଼ା ଗ୍ରାମବାସୀ କହିଛନ୍ତି। ଏ ନେଇ କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଆର୍‌ଡି) ବିଭାଗ ଦାୟିତ୍ୱରେ ଥିବା ଯନ୍ତ୍ରୀ ସୋସନ କୁଣ୍ଡୁଲୁଙ୍କୁ ପଚାରିବାରୁ ବହୁବର୍ଷ ପୂର୍ବେ ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନରେ ଉକ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ଏବେ ବ୍ଲକ୍ ପକ୍ଷରୁ ଆମ ବିଭାଗକୁ ରାସ୍ତା ହସ୍ତାନ୍ତର କରାଗଲେ ଆମେ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବୁ ବୋଲି କହିଛନ୍ତି। କର୍ଲାମୁଣ୍ଡା ବିଡିଓ ଏଥିପ୍ରତି ଦୃଷ୍ଟିଦେବାକୁ ଜନସାଧାରଣ ଅନୁରୋଧ କରିଛନ୍ତି।

## ଗାଡ଼ି ସହ ଶାଗୁଆନ କାଠ ଜବତ, ୩ ଗିରଫ

ନୂଆପଡ଼ା,୧୯।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟର ଚେରେଚୁଆଁ-ଖୋଲିଗାଁ ରାସ୍ତାରେ ଶୁକ୍ରବାର ବନ ବିଭାଗ ଶାଗୁଆନ କାଠ ସହ ଗାଡି ଜବତ କରି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗାଡି ଡ୍ରାଇଭର ଖଡିଆଳ ଥାନା ବିଛନାପାଲି ଗାଁ ଲକ୍ଷ୍ମଣ ବିଶି, ଯୋଗଧାନ ଝାଙ୍କର ଓ କୋମନା ଥାନା ଖୋଲି ଭିତର ଗାଁର ସୁମନ୍ତ ମାଝି। ଶନିବାର ଏମାନଙ୍କୁ କୋର୍ଟ ଚାଲାଣ କରାଯିବ। ସୂଚନା ମୁତାବକ ପିକ୍‌ଅପ ଭ୍ୟାନ (ଓଡି-୨୬ ଏ-୨୭୦୪)ରେ ଡାବ୍ରି ଜଙ୍ଗଲରୁ ଶାଗୁଆନ କାଠ କାଟି ଚୋରା ଚାଲାଣ ହେଉଥିବା ନେଇ ବନ ବିଭାଗ ଓ ବନ୍ୟପ୍ରାଣୀ ବିଭାଗ ଖବର ପାଇଥିଲା। ବନ୍ୟପ୍ରାଣୀ ବିଭାଗ ରେଞ୍ଜର ସଞ୍ଜୀବ ବନଗୋଳା ଓ ବନ ବିଭାଗ ରେଞ୍ଜର ଦେବଦତ୍ତ ସୁତାରଙ୍କ ନେତୃତ୍ୱରେ ଏକ ଟିମ ଚଢାଉ କରିଥିଲେ। ୩ ଜଣଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ଅନ୍ୟ ଦୁଇଜଣ ଫେରାର ହୋଇ ଯାଇଥିବା ସୂଚନା ମିଳିଛି। ଜବତ କାଠର ମୂଲ୍ୟ ୧ ଲକ୍ଷ ୬୦ ହଜାର ହେବ ବୋଲି ଆକଳନ କରାଯାଇଛି। ଚଢାଉରେ ଫରେଷ୍ଟର ଗୁଣନିଧି ବେହେରା, ସମୀର ରଞ୍ଜନ ଠାକୁର, ଗୋପାଳ ମହାନନ୍ଦ, ଟେମସିଂ କମାର, ପିତାମ୍ବର ଶବର ପ୍ରମୁଖ ସାମିଲ ଥିଲେ।

## ଧାରଣାରେ ବସିଲେ ପରିଚାଳନା କମିଟି ସଦସ୍ୟ

ନୂଆପଡ଼ା,୧୯।୭ (ମକାରୁ ବେମାଲ)

**ବାଳିକା ଉଚ୍ଚ ବିଦ୍ୟାଳୟ ସମସ୍ୟା**

ନୂଆପଡ଼ା ଜିଲା ବୋଡେନ ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଅଭିଯୋଗକ୍ରମେ ୯ମ ଶ୍ରେଣୀ ଛାତ୍ରୀମାନଙ୍କୁ ସରକାର ଯୋଗାଇ ଦେଉଥିବା ସାହାଯ୍ୟ ଏଠାରେ ଦିଆଯାଉ ନାହିଁ। ଏପରି କି ସ୍କୁଲ ଡ୍ରେସ୍ ମଧ୍ୟ ଦିଆଯାଉ ନାହିଁ। ସେହିପରି ସ୍କୁଲରେ ଶିକ୍ଷାର ମାନଦଣ୍ଡ କମିବାରେ ଲାଗିଛି। ଗୁଣାତ୍ମକ ଶିକ୍ଷା ଦିଆଯାଉ ନ ଥିବାରୁ ପରୀକ୍ଷାଫଳ ଶୂନ ହୋଇଯାଉଛି। ଏସବୁ ସମସ୍ୟା ସମାଧାନ ପାଇଁ ଧାରଣା ଦେଇଥିବାବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଚେତବାନୀ ଦେଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୋହନ ସିଂ ମାଝି, ସମ୍ପାଦକ ଚମରୁ ମାଝି, ସାମାଜିକ କର୍ମୀ ରଙ୍ଗାଧର ମାଝି, ଫାଲ୍‌ଗୁନୀ ମାଝି, ଧନୀରାମ ମାଝି, ଅନାଦି ମାଝି ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ବୋଡେନ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରେଶ୍ୱର ମେହେରଙ୍କୁ ପଚାରିବାରୁ ଉକ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ସରକାରୀ ଅନୁଦାନପ୍ରାପ୍ତ ନୁହେଁ। ବର୍ତ୍ତମାନ ନବମ ଶ୍ରେଣୀ ଅନୁଦାନପ୍ରାପ୍ତ ହୋଇଛି। ସେଥିପାଇଁ ସବୁ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି କହିଥିଲେ।



ଧାରଣାରେ ବସିଥିବା ପରିଚାଳନା କମିଟି କର୍ମକର୍ତ୍ତା।

## ବସ୍ତ୍ରେରେନ ମାଉଲିଙ୍କ ଆଷାଢ଼କେନା ମଣ୍ଡେଇ ଯାତ୍ରା

କୋକସରା,୧୯।୭ (ଦୁଷ୍ମନ୍ତ କୁମାର ପାଇଯୋଷୀ)



ଦେବଦେବୀଙ୍କ ସହ ଭକ୍ତମାନେ କଣ୍ଟା ଦୋଳିରେ ଝୁଲୁଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଗାଁର ଆରାଧ ଦେବୀ ମା' ବସ୍ତ୍ରେରେନ ମାଉଲିଙ୍କ ବାର୍ଷିକ ଆଷାଢକେନା ମଣ୍ଡେଇ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ବାହୁଡ଼ା ଯାତ୍ରା ପରେ ପଡୁଥିବା ଶୁକ୍ରବାର ଦିନରେ ଏହି ଯାତ୍ରା ହୋଇଆସୁଛି। ନାଗବଂଶୀ ରାଜା ସମୟରୁ ଏହି ଯାତ୍ରାକୁ ଆଷାଢ଼ କେନା ମଣ୍ଡେଇ ଯାତ୍ରା କୁହାଯାଇଆସୁଛି। ଆଷାଢ଼ ମାସ ପ୍ରାରମ୍ଭରେ ଚାଷ ପାଇଁ ଚାଷୀ ବିହୁଡା ଓ ରୁଆ ପ୍ରସ୍ତୁତି ଆରମ୍ଭ କରନ୍ତି। ପରମ୍ପରା ଅଛି ଯେ ଏହି ମଣ୍ଡେଇ ଯାତ୍ରା ସରିବା ପରେ ଏ ଅଞ୍ଚଳର ଚାଷୀ ଜମିରେ ଘାସବଛା, ବିହୁଡା ଓ ରୁଆ କାର୍ଯ୍ୟ ଆରମ୍ଭ କରନ୍ତି।

ସକାଳୁ ଗ୍ରାମର ଗୌନ୍ତିଆ ଚୁମନ ପାତ୍ର ଓ ପୂଜକ ଚିତ୍ରସେନ ମାଝିଙ୍କ ଘରୁ ପୂଜା ସାମଗ୍ରୀ, ଦେବୀଙ୍କ ଲାଠି, କାଳିସି ବାଜା ବଜାଇ ଏକ ଶୋଭାଯାତ୍ରାରେ ପୀଠରେ ପହଞ୍ଚିଲେ। ପରେ ଆମପାଣି ଗ୍ରାମରୁ ବୁଢାରଜା, ଡେଙ୍ଗାଗୁଡା ଗ୍ରାମରୁ ହିଙ୍ଗୁଳା, ମାଝିଗୁଡା ଗ୍ରାମରୁ ବରସାଲ ମାଝିଙ୍କ ସହ ଠାକୁରାଣୀ, ଲଙ୍କେଶ୍ୱରୀ ଓ ଦ୍ୱାରସିନୀ ଦେବୀଙ୍କ ଲାଠି ଓ କାଳିସୀ ଦେବୀ ପୀଠରେ ପହଞ୍ଚିଥିଲା। ପୀଠରେ ପୂଜାର୍ଚ୍ଚନା ପରେ ଦେବୀମାନଙ୍କର ମଣ୍ଡେଇ ହାଟ ପରିକ୍ରମା ଆରମ୍ଭ ହୋଇଥିଲା। ଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଦେବଦେବୀ ମଣ୍ଡେଇ ହାଟକୁ ୩ଥର ପରିକ୍ରମା କରି ପୁଣିଥରେ ଦେବୀ ପୀଠକୁ ଫେରିଆସିଥିଲେ। ଦେବୀମାନଙ୍କ ପରିକ୍ରମା ସମୟରେ ମହିଳା ଓ ପୁରୁଷ ଭକ୍ତମାନେ ବାଟ ଓଗାଳି ନିଜର ମାନସିକ ଜଣାଇଥିଲେ। ସେହି ସମୟରେ କାଳିସିମାନେ ହାତରେ ଧରିଥିବା ବିନ୍ତି (ଦେବୀଙ୍କ ଚାଉଳ) ଭକ୍ଷଣ କରିବା ପାଇଁ କହି ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଥିଲା। ପରେ କଣ୍ଟା ଦୋଳିରେ ଝୁଲିବା କାଳିସିଙ୍କ ସହ ଗ୍ରାମର ଗୌନ୍ତିଆ, ପୂଜକ, ଗ୍ରାମରକ୍ଷୀ, ଲାଠି

**କଣ୍ଟା ଦୋଳିରେ ଝୁଲିଲେ କାଳିସି**

ବୋହିଥିବା ବ୍ୟକ୍ତି ସହ ଏପରି ୧୦/୧୫ ଜଣ କଣ୍ଟା ଦୋଳିରେ ଝୁଲିଥିଲେ। ଏହି ଦୃଶ୍ୟ ଦର୍ଶକମାନଙ୍କୁ ବିଭୋର କରିଥିଲା। ମାନସିକ ପୂରଣ ପାଇଁ କେତେଜଣ କୁକୁଡା, ପାରା, ବୋଦା ବଳି ଦେଇଥିବା ବେଳେ ଅଧିକାଂଶ ଭକ୍ତ ନଡିଆ ଚଢାଇ ପୂଜାର୍ଚ୍ଚନା କରିଥିଲେ। ପୂଜକ ଚିତ୍ରସେନ ମାଝିଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ହୋଇଥିଲା। ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, କମିଟି ସଭାପତି ପଦ୍ମଲୋଚନ ଦଳପତି, ସମ୍ପାଦକ ମହାଦେବ ବେଶ୍ରା, ସୁଧିର କୁମାର ପାତ୍ର, ସୁଦାମ ପୂଜାରୀ, ଚକାଡୋଳା ପାତ୍ର, ଅଭିରାମ ଲଦୁଆ, ହେମନ୍ତ ବାଣୁଆ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଯାତ୍ରାରେ ଆଖପାଖ ଅଞ୍ଚଳରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ କୋକସରା ଥାନା ତରଫରୁ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିଲେ।

# ପୂରିଲା ମିଆଦ, ହେଲାନି ଉଚ୍ଛେଦ

## ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜିରାବ୍ରିଜ ରାସ୍ତା ଜବରଦଖଲ

- ଭୂଆଁ ବୁଲାଉଛି ପ୍ରଶାସନ
- ମୁଣ୍ଡ ଟେକିଛି ଆନ୍ଦୋଳନ

**ବରଗଡ଼,୧୯।୭(ପ୍ରେମାନନ୍ଦ ଖମାରୀ)**

ସରକାରୀ ଜମି ଉପରେ ବେଆଇନ ନିର୍ମାଣ ଭଙ୍ଗାଯିବ। ବଡ଼ ଅଟ୍ଟାଳିକାରୁ ଉଚ୍ଛେଦ ଆରମ୍ଭ ହେବ। ଖୋଦ୍ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ତାଙ୍କ ବିଭିନ୍ନ ଜିଲାଗସ୍ତରେ ବାରମ୍ବାର ଏହା କହି ଆସୁଛନ୍ତି। କିନ୍ତୁ ରାଜ୍ୟ ସରକାରଙ୍କ ଏଭଳି ନିର୍ଦ୍ଦେଶ ଏବଂ ଉଚ୍ଛେଦ ସପକ୍ଷରେ ଉଚ୍ଚ ନ୍ୟାୟାଳୟର ରାୟ ଦେବା ସତ୍ତ୍ୱେ ବରଗଡ଼ ସହରର ବହୁଚର୍ଚ୍ଚିତ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜିରାବ୍ରିଜ ପର୍ଯ୍ୟନ୍ତ ରାସ୍ତା ଜବରଦଖଲ ଯେଉଁ ତିମିରେକୁ ସେହି ତିମିରେ ରହିଛି। ଚିରାଚରିତ ଢ଼ଙ୍ଗରେ ପ୍ରଶାସନ ଜମି ମାପଚୁପ କରୁଛି। ଜବରଦଖଲ ହଟାଇବା ପାଇଁ ଡାକବାଜି ଯନ୍ତ୍ରରେ ପ୍ରଚାର ବି କରୁଛି। କିନ୍ତୁ ତାହା କେବଳ ଫିତାର ମାପଚୁପ ଏବଂ ଡାକବାଜି ଯନ୍ତ୍ରର ପ୍ରଚାରରେ ହିଁ ସୀମିତ ରହି ଯାଉଛି। ଅନ୍ୟପଟେ ପ୍ରଶାସନର ଉଦାସୀନତାର ସୁଯୋଗ ନେଇ ଉଚ୍ଛେଦ ପ୍ରସଙ୍ଗରେ ଜଣେ ପରେ ଜଣେ ରହିତାଦେଶ ଆଣିବାରେ ସକ୍ଷମ ହେଉଛନ୍ତି। ଏଭଳି ସ୍ଥିତିରେ ଖୋଦ୍ କିଛି ବିଭାଗୀୟ ଅଧିକାରୀ ଜବରଦଖଲକାରୀଙ୍କ ସହିତ ଭିତରି ସମ୍ପର୍କ ରଖି ରହିତାଦେଶ ଆଣିବାକୁ ସୁଯୋଗ ଦେଉଥିବା ଏବଂ ସହରବାସୀଙ୍କୁ ଭୂଆଁ ବୁଲାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏହାକୁ ନେଇ ଆଗାମୀ ଦିନରେ ଏକ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଛି।



ବରଗଡ଼ ଲେଙ୍ଗୁ ମିଶ୍ର ଛକ–ପୁରୁଣା ଜୀରାବ୍ରିଜ ରାସ୍ତା।

ପୌର ପ୍ରଶାସନ ଗତ ମଙ୍ଗଳବାର ମାପଚୁପ କରିବା ସହିତ ଉଚ୍ଛେଦ ନେଇ ସେହିଦିନ ସନ୍ଧ୍ୟାରେ ଡାକବାଜି ଯନ୍ତ୍ରରେ ପ୍ରଚାର କରିଥିଲା। ୪୮ଘଣ୍ଟା ମଧ୍ୟରେ ଜବରଦଖଲ ସ୍ଥାନ ଖାଲି କରିବାକୁ ସେହି ପ୍ରଚାରରେ ସୂଚନା ଦିଆଯାଇଥିଲା। ଗୁରୁବାର ସନ୍ଧ୍ୟାରେ ସେହି ମିଆଦ ପୂରିଯାଇ ଥିବାବେଳେ ଶୁକ୍ରବାରରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବା କଥା। କିନ୍ତୁ ଉଚ୍ଛେଦ ପ୍ରକ୍ରିୟା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇ ନାହିଁ। ନ୍ୟାୟାଳୟର ରହିତାଦେଶ ଯୋଗୁ ଉଚ୍ଛେଦ ଅଟକି ରହିଥିବା କୁହାଯାଉଛି। କିନ୍ତୁ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜିରାବ୍ରିଜ ପର୍ଯ୍ୟନ୍ତ ଯେଉଁମାନେ ରାସ୍ତା ଜବରଦଖଲ କରିଛନ୍ତି, ସମସ୍ତେ ନ୍ୟାୟାଳୟରୁ ଏପର୍ଯ୍ୟନ୍ତ ରହିତାଦେଶ ଆଣି ନ ଥିବା ସୂଚନା ମିଳିଛି। ତେବେ ଯେଉଁମାନେ ରହିତାଦେଶ ଆଣି ନାହାନ୍ତି, ସେମାନେ ଜବରଦଖଲ କରିଥିବା ଅଂଶକୁ ଭାଙ୍ଗିବାକୁ ପ୍ରଶାସନ କାହିଁକି ସାହାସ ଜୁଟାଇ ପାରୁ ନାହିଁ, ତାକୁ ନେଇ ସାଧାରଣରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି।

ସେହିପରି ଗତ ଫେବୃୟାରୀ ପ୍ରଥମ ସପ୍ତାହରୁ ଉଚ୍ଛେଦ ସପକ୍ଷରେ ଉଚ୍ଚ ନ୍ୟାୟାଳୟ ରାୟ ପ୍ରକାଶ କରି ସାରିଛନ୍ତି। ହେଲେ ଦୀର୍ଘ ୫ମାସ ଧରି ପୌର ପ୍ରଶାସନ କାହିଁକି ହାତ ବାନ୍ଧି ବସିଥିଲା ଏବଂ ଉଚ୍ଛେଦ ପ୍ରକ୍ରିୟାକୁ ଆଦୌ ଆଗେଇ ନ ଥିଲା, ତାକୁ ନେଇ ମଧ୍ୟ ନାନା ସନ୍ଦେହ ବଢ଼ିବାରେ ଲାଗିଛି। କେତେବେଳେ ନିର୍ବାଚନ ଆଚରଣ ବିଧି ସଂହିତା ତ ଆଉ କେବେ ରହିତାଦେଶ ଆଳ ଦେଖାଯାଉଛି। ହେଲେ ଦୀର୍ଘ ୫ ମାସ ଧରି ଆଚରଣ ବିଧି ସଂହିତା ଲାଗି ନ ଥିଲା। ସେହିପରି ଉଚ୍ଛେଦ ସପକ୍ଷରେ ଉଚ୍ଚ ନ୍ୟାୟାଳୟ ଫେବୃୟାରୀ ମାସରୁ ରାୟ ଦେଇ ସାରିଥିବାବେଳେ ଚଳିତ ଜୁଲାଇ ମାସରେ କିଛି ଲୋକେ ପୂନର୍ବାର ରହିତାଦେଶ ଆଣିବାରେ ସକ୍ଷମ ହୋଇଛନ୍ତି ଏବଂ ଆସନ୍ତା ସେପ୍ଟେମ୍ବର ୧୧ ତାରଖରେ ଏହାର ଶୁଣାଣି ରହିଛି। ଏହା ସହରବାସୀଙ୍କୁ ବେଶ ଜଣାଅଛି। କିନ୍ତୁ ଉଚ୍ଚ ନ୍ୟାୟାଳୟ ଉଚ୍ଛେଦ ସପକ୍ଷରେ ରାୟ ଦେବା, ନିର୍ବାଚନ ଆଚରଣ ବିଧି ହଟିବା ପରେ ଏବଂ ଜବରଦଖଲକାରୀମାନେ ନ୍ୟାୟାଳୟରୁ ରହିତାଦେଶ ଆଣିବା ପୂର୍ବରୁ ପ୍ରଶାସନ କାହିଁକି ଉଚ୍ଛେଦ ପାଇଁ ଆଗେଇ ଆସିଲା ନାହିଁ, ତାକୁ ନେଇ ସହରସାରା ସବୁଠି ଚର୍ଚ୍ଚା ଜୋର୍ ଧରିଛି।

# ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ କାର୍ଯ୍ୟକ୍ରମ




ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ପଦ୍ମପୁର,୧୯।୭(ପ୍ରଦୀପ୍ତ ଦାଶ)**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ଜୁଲାଇ ୧ରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ କାର୍ଯ୍ୟକ୍ରମ ଶୁକ୍ରବାର ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରେଣୁଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୁରେନା ପଞ୍ଚାୟତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଦୀପକ କୁମାର ସାହୁ ଯୋଗଦେଇ ବର୍ଷା ଋତୁରେ ମଶା ଓ ମାଛିମାନଙ୍କ ଦ୍ୱାରା ବ୍ୟାପୁଥିବା ମାରାତ୍ମକ ମେଲେରିଆ, ଡେଙ୍ଗୁ ଓ ହଇଜା ରୋଗ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବିଶଦ ଭାବେ ବୁଝାଇଥିଲେ। ବିଜ୍ଞାନ ଶିକ୍ଷକ ପ୍ରମୋଦ ନାଥ ନିଜ ଘର ତଥା ନିଜ ଗାଁ ପରିବେଶକୁ ନିର୍ମଳ ରଖି ଏହି ସବୁ ରୋଗକୁ କିପରି ଦୂରେଇ ରଖାଯାଇ ପାରିବ ତାହା ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଛଅଟି ପର୍ଯ୍ୟାୟରେ କିପରି ହାତଧୁଆ ହୁଏ ତାହା ଛାତ୍ରୀଛାତ୍ରମାନେ ଅଭ୍ୟାସ କରିଥିଲେ। ଶେଷରେ ଶିକ୍ଷୟତ୍ରୀ ନନ୍ଦିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼ ଭାଜପା ବିଧାୟକଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ଅଭିଯୋଗ

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ପୂର୍ବତନ ବିଧାୟକ

**ବରଗଡ଼,୧୯।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ନବନିର୍ବାଚିତ ଭାଜପା ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ବିରୋଧରେ ପୂର୍ବତନ ବିଜେଡି ବିଧାୟକ ଦେବେଶ ଆଚାର୍ଯ୍ୟ ମିଥ୍ୟା ସତ୍ୟପାଠ ଅଭିଯୋଗ କରିଛନ୍ତି। ବିଧାୟକ ଷଡ଼ଙ୍ଗୀ ତାଙ୍କ ନାମାଙ୍କନପତ୍ରରେ ଭୁଲ ତଥ୍ୟ ଉଲ୍ଲେଖ କରିଥିବା ଅଭିଯୋଗ କରି ପୂର୍ବତନ ବିଧାୟକ ଆଚାର୍ଯ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଧାୟକ ଷଡ଼ଙ୍ଗୀଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ସତ୍ତ୍ୱେ ସେ ତାହା ତାଙ୍କ ସତ୍ୟପାଠରେ ଉଲ୍ଲେଖ କରି ନ ଥିବା ବେଳେ ସମ୍ପତ୍ତି ତାଲିକା ମଧ୍ୟ ଠିକ୍ ଭାବେ ଦର୍ଶାଇ ନ ଥିବା ପୂର୍ବତନ ବିଧାୟକ ଆଚାର୍ଯ୍ୟ ଆପତ୍ତି ଉଠାଇଛନ୍ତି। ହାଇକୋର୍ଟ ବିଚାର ପାଇଁ ଏହାକୁ ଗ୍ରହଣ କରିଥିବା ଜଣାପଡ଼ିଛି। ବିଧାୟକ ଷଡ଼ଙ୍ଗୀ ଫୋନ ନ ଉଠାଇବାରୁ ଏ ନେଇ ତାଙ୍କ ମତାମତ ମିଳିପାରିନାହିଁ। ପ୍ରକାଶଥାଉ କି, ଗତ ସାଧାରଣ ନିର୍ବାଚନରେ ବିଧାୟକ ଷଡ଼ଙ୍ଗୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ ବିଜେଡି ବିଧାୟକ ଆଚାର୍ଯ୍ୟଙ୍କଠାରୁ ୪୭୭୨ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।



ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ।

# ସଂକ୍ଷେପରେ

## ନୃସିଂହନାଥ ବନ ବିଭାଗ ପକ୍ଷରୁ ଜର୍ଜଗଡ଼ରେ ବୃକ୍ଷରୋପଣ

**ପାଇକମାଲ,୧୯।୭(ବଡ ଶତପଥୀ):** ରଗଡ ଜିଲା ପାଇକମାଳ ବ୍ଲକ ଗନ୍ଧମାର୍ଦ୍ଦନ ପର୍ବତର ପାଦ ଦେଶରେ ଥିବା ଜର୍ଜଗଡ଼ ଗ୍ରାମର ଜମିରେ ଶୁକ୍ରବାର ନୃସିଂହନାଥ ବନବିଭାଗ ପକ୍ଷରୁ ଔଷଧ ବୃକ୍ଷ ରୋପଣ କରାଯାଇଛି। ଅଶୋକ, ଫଣ ଫଣା, ଲିମ୍ବ, ବେଲ, କରଞ୍ଜ ବିଭିନ୍ନ ପ୍ରକାରର ୬୩୦ ଗୋଟି ଔଷଧ ଗଛ ଲଗାଯାଇଛି। ଫରେଷ୍ଟର ଉଦ୍ଧବ ପ୍ରଧାନ, ଫରେଷ୍ଟ ଗାର୍ଡ ଶାନ୍ତନୁ ପଧାନ ଓ ପ୍ଲାନଟେସନ ଗାର୍ଡ ରବୀନ୍ଦ୍ର ଭୁଏଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଚାଲିଛି। ଆଗକୁ ମଧ୍ୟ ଚାଲିବ ବୋଲି ବନ କର୍ମଚାରୀମାନେ କହିଛନ୍ତି।

## ମରାମତି ପାଇଁ ଅଭିଯୋଗ ଶୁଣୁନାହିଁ ଟାଟା ପାୱାର ଉପଭୋକ୍ତା ଅସନ୍ତୋଷ

**ପଦ୍ମପୁର,୧୯।୭(ପ୍ରଦୀପ୍ତ ଦାଶ):** ବର୍ତ୍ତମାନ ବର୍ଷା ଦିନ ହୋଇଥିବାରୁ ବିଜୁଳି ସମସ୍ୟା ସବୁବେଳେ ଦେଖାଦେଉଥିବା ବେଳେ ବିତରଣ ସଂସ୍ଥାର ମନମୁଖି କାର୍ଯ୍ୟରେ ଉପଭୋକ୍ତା ହଇରାଣ ହେବା ସହିତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ପଦ୍ମପୁରର ଜୋତା ଦୋକାନୀ ବିଜୁ ଜସ୍ୱନି। ତାଙ୍କର ଦୋକାନକୁ ସଂଯୋଗ କରିଥିବା ଇଲେକ୍ଟ୍ରି ତାର ଛିଣ୍ଡି ଯାଇଥିଲା। ସେ ନେଇ ଗୁରୁବାର ସକାଳଠାରୁ ଗ୍ରାହକ ସେବା କେନ୍ଦ୍ରକୁ ବାରମ୍ବାର ଅଭିଯୋଗ କରିଛନ୍ତି। ମାତ୍ର କିଛି ଫଳ ମିଳିଲାନି। ପରେ ସେ ସ୍ଥାନୀୟ କାର୍ଯ୍ୟାଳୟକୁ ମଧ୍ୟ ଦୁଇଦିନ ହେଲା ଦୌଡ଼ି ନୟାନ୍ତ ହେଲେଣି। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କ ବିଦ୍ୟୁତ ମରାମତି ହୋଇନାହିଁ କି ସ୍ଥାନୀୟ ଅଧିକାରୀଙ୍କଠାରୁ ମଧ୍ୟ କୌଣସି ସୁଫଳ ମିଳିଲାନି। ପୂର୍ବରୁ ଦାୟିତ୍ୱରେ ଥିବା କମ୍ପାନୀଠାରୁ ଟାଟା ପାୱର ଉନ୍ନତ ସେବା ଯୋଗାଇବ ବୋଲି ଲୋକେ ଆଶାବାନ୍ଧି ଥିଲେ। ହେଲେ ଏହି କମ୍ପାନୀ ଉତ୍ତମ ସେବା କଣ ଯୋଗାଇବ ସେବା ନାମରେ ଲୋକଙ୍କୁ ଠକି ଚାଲିଛି। ସାଧାରଣ ମରାମତି ପାଇଁ ଉପଭୋକ୍ତା ଯଦି ଦିନ ଦିନ ଅନ୍ଧାରରେ ରହିବେ ତାହାହେଲେ ଟାଟା ପାୱର କେଉଁ କାମରେ ବୋଲି ଉପଭୋକ୍ତା ପ୍ରଶ୍ନ କରିଛନ୍ତି।

## ଝାରବନ୍ଧରେ ସାମ୍ବାଦିକ ଭବନ ଉଦ୍‌ଘାଟିତ

**ଝାରବନ୍ଧ,୧୯।୭(ଦେବେନ୍ଦ୍ର ସାହୁ):** ବରଗଡ଼ ଜିଲା ଝାରବନ୍ଧଠାରେ ନବ ନିର୍ମିତ ସାମ୍ବାଦିକ ଭବନ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଏବଂ ସମ୍ମାନିତ ଅତିଥି ଭାବେ ଝାରବନ୍ଧ ବ୍ଲକ ଅଧକ୍ଷା ଲିପସା ପ୍ରଧାନ ଯୋଗଦାନ କରି ଉଦଘାଟନ କରିଥିଲେ। ଅତିଥିମାନଙ୍କୁ ଝାରବନ୍ଧ ସାମ୍ବାଦିକ ସଂଘ ସଦସ୍ୟମାନେ ଫୁଲ ଏବଂ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ପରେ ସାମ୍ବାଦିକ ଭବନ ସଭା ଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ବିଧାୟିକା ସମସ୍ତ ସାମ୍ବାଦିକଙ୍କୁ ଶୁଭେଚ୍ଛା ଜଣାଇବା ସହ ସମାଜରେ ହେଉଥିବା ବିଭିନ୍ନ ତ୍ରୁଟିକୁ ଲୋକଲୋଚନକୁ ଏହାକୁ ସୁଧାରିବା ପାଇଁ ସାମ୍ବାଦିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ।

# ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ବୈଠକ



ବୈଠକରେ ଯୋଗଦେଇଥିବା କଳାକାରବୃନ୍ଦ।

**ବରଗଡ଼,୧୯।୭(ପ୍ରେମାନନ୍ଦ ଖମାରୀ)**

## ରାଜ୍ୟ ସଂସ୍କୃତି ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ମହାସଂଘ

ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଅଧକ୍ଷ ଚୈତନ୍ୟ ପାଇକଙ୍କ ଅଧକ୍ଷତାରେ କଳାକାର ମହାସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ବର୍ଗର କଳାକାର ଏକତ୍ରିତ ହୋଇଥିବା ବେଳେ ଅଧକ୍ଷ ପାଇକ ଆଗାମୀ ଦିନରେ ବରଗଡ଼ରେ ନିର୍ମାଣ ହେବାକୁ ଥିବା ଲୋକକଳା ଭବନ ଓ ପଶ୍ଚିମ ଓଡ଼ିଶା କଳାକାର ମହାସଂଘକୁ ମିଳିଥିବା ସରକାରୀ ଜମି ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ନାମରେ ଯୋଗାଇ ଦିଆଯାଇଥିବା ସରକାରୀ ଜାଗା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରି ସରକାରଙ୍କଠାରେ ପ୍ରିମିୟମ ଦାଖଲ ପ୍ରକ୍ରିୟା ସମ୍ବନ୍ଧରେ ସମସ୍ତ କଳାକାରଙ୍କୁ ଅବଗତ କରାଇବା ସହ କଳାକାରମାନେ ବ୍ୟକ୍ତିଗତ ଯଥାସାଧ ଆର୍ଥିକ ଅନୁଦାନ ପ୍ରଦାନ ପାଇଁ ନିବେଦନ କରିଥିଲେ। ନିର୍ଦ୍ଧାରିତ ସମୟ ଅବଧିରେ ସରକାରଙ୍କ ଦାରା ନିର୍ଦ୍ଧାରିତ ପ୍ରିମିୟମ ଦାଖଲ ପାଇଁ ସଭ୍ୟମାନଙ୍କ ମତ ଲୋଡିଥିଲେ। ବୈଠକରେ ଉପସ୍ଥିତ କଳାକାର ଦେଢ଼ ଲକ୍ଷ ଟଙ୍କା ପ୍ରଦାନ ପାଇଁ ସମ୍ମତି ପ୍ରଦାନ କରିଥିବା ବେଳେ ଆବଶ୍ୟକ ଆହୁରି ଅର୍ଥ ଯୋଗାଡ଼ ପାଇଁ ଉଦ୍ୟମ ଜାରି ରହିବ ବୋଲି ସୂଚନା ପ୍ରଦାନ କରିଥିଲେ। ଏଥିସହ ଆଗ୍ରହୀ କଳାକାରମାନେ ଯଥାଶୀଘ୍ର ସହଯୋଗ ରାଶି ପଶ୍ଚିମ ଓଡ଼ିଶା କଳାକାର ମହାସଂଘକୁ ପ୍ରଦାନ କରିବା ପାଇଁ ଅଧକ୍ଷ ପାଇକ ନିବେଦନ କରିଛନ୍ତି। ଏହି ଅବସରରେ ପଶ୍ଚିମ ଓଡ଼ିଶାର ପ୍ରତି ଜିଲା ଓ ବ୍ଲକସ୍ତରରେ କଳାକାରମାନେ ସ୍ଥାନୀୟ ବିଧାୟକ ଓ ଏମ୍‌ପିଙ୍କୁ ଭେଟି ସୌଜନ୍ୟ ମୂଳକ ସାକ୍ଷାତ ଆଲୋଚନା କରି କଳାକାରମାନଙ୍କ ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିବା ସହିତ କଳାକାର ମହାସଂଘ ପକ୍ଷରୁ ଓଡ଼ିଶାର ସଂସ୍କୃତି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବେ। ବରଗଡ଼ରେ ନିର୍ମାଣ ହେବାକୁ ଥିବା କଳାକାର ଭବନ ପାଇଁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘକୁ ମିଳିଥିବା ସରକାରୀ ଜମିର ଆବଶ୍ୟକ ବଳକା ପ୍ରିମିୟମ ଛାଡ କରିବା ଓ ଲୋକ କଳା ଭବନ ନିର୍ମାଣ ପାଇଁ ଆବଶ୍ୟକ ଆର୍ଥିକ ଅନୁଦାନ ଯୋଗାଇ ଦେବା ସହିତ କଳାକାର ଭତ୍ତା ବୃଦ୍ଧି ପାଇଁ ନିବେଦନ କରାଯିବ ବୋଲି ଉଲ୍ଲେଖ କରି ଆଗାମୀ ଦିନରେ ବରଗଡ଼ରେ ଏକ ବିରାଟ କଳାକାର ସମାବେଶ ଆୟୋଜନ ଓ ସଂସ୍କୃତି ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପାଇଁ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ବୈଠକରେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ କାଳୀଚରଣ ବାଗ, ନୃତ୍ୟ ନିର୍ଦ୍ଦେଶକ ଗାନ୍ଧୀ ବାରିକ, ନାଟ୍ୟ ନିର୍ଦ୍ଦେଶକ ଭୁବନ ଭୋଇ, ବାସୁଦେବ ପ୍ରଧାନ, ସଙ୍ଗୀତ ନିର୍ଦ୍ଦେଶକ ଅନିରୁଦ୍ଧ ପାଇକ, କଣ୍ଠ ଶିଳ୍ପୀ ବାଲେଶର କୁଆଁର, ନରେନ୍ଦ୍ର କଣ୍ଟା, ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ, ବିଶିଷ୍ଟ ମାନ୍ଦଲ ବାଦକ ଖଗେଶ୍ୱର ସାହୁ, ସଙ୍କୀର୍ତ୍ତନ ଗାୟକ ଲଳିତ ମୋହନ ପଣ୍ଡା, ପଞ୍ଚାନନ ମହାପାତ୍ର, ଅଭିନେତା ସନ୍ତୋଷ ସାହୁ, ଚିତ୍ର ଶିଳ୍ପୀ ରାଧେ ଶ୍ୟାମ ଭେଶ୍ରାଙ୍କ ସମେତ ବିଭିନ୍ନ ବର୍ଗର ଶତାଧିକ କଳାକାର ଯୋଗଦେଇଥିବା ବେଳେ ସଂଯୋଜକ ପ୍ରମୋଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ୟାଙ୍କ ସଚେତନତା ଆଲୋଚନାଚକ୍ର

**ବରଗଡ,୧୯।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜଜ୍ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାଶତୀ ଦାଶଙ୍କ ସଭାପତିତ୍ୱରେ ବ୍ୟାଙ୍କ ସଚେତନତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଡେପୁଟି ମ୍ୟାନେଜର ମନୋରଞ୍ଜନ ପୁଜାରୀ, ଅବସରପ୍ରାପ୍ତ ପ୍ରଫେସର ମାଧବ ଚନ୍ଦ୍ର ସାହୁ, ବିଶ୍ୱନାଥ ମିଶ୍ର, ସତ୍ୟଜିତ ଦାଶ, ନବକିଶୋର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବ୍ୟାଙ୍କରେ ଟଙ୍କା ଜମା, ଟଙ୍କା ଉଠାଣ, ଠକ ମାନଙ୍କ ପ୍ରତି ସାବଧାନ ଇତ୍ୟାଦି ବିଷୟରେ ପିଲାମାନଙ୍କଠାରେ ସଚେତନତା ସୃଷ୍ଟି କରିଥିଲେ। ଶିକ୍ଷକ ସୁରେଶ କୁମାର ଦାଶ, ଅମୃତ ଲାଲ ବେହେରା, ହରିଶ ପାତ୍ର ତଥା ଅନ୍ୟାନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସକ୍ରିୟ ସହଯୋଗ କରିଥିଲେ। ଛାତ୍ରମାନେ ମଧ୍ୟ ଏ ବିଷୟରେ ବକ୍ତବ୍ୟ ରଖି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲା ଷ୍ଟାଣ୍ଡିଂ କମିଟି ବୈଠକ

**ଭବାନୀପାଟଣା,୧୯।୭(ଉତ୍ତମ କୁମାର ଦାଶ):** ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲାପରିଷଦ ସମ୍ମିଳନୀ ଗୃହରେ ଜିଲା ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚେୟାରପର୍ସନ ଦୟାନିଧି ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବନ ବିଭାଗ, ପିଡିଏସ୍, ସିଏସ୍ଓ, ଭେଟେରେନେରି ବିଭାଗ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଗତ ୨୦୨୨–୨୩ ଓ ୨୦୨୩–୨୪ରେ କେତେ ଚାରା ରୋପଣ କରାଯାଇଛି ପଚାରି ବୁଝିବା ସହ ଉନ୍ନତମାନର ଚାରା ଯୋଗାଇବା ପାଇଁ ବନ ଅଧିକାରୀଙ୍କୁ ଚେୟାରପର୍ସନ ନାଏକ ପରାମର୍ଶ ଦେଇଥିଲେ।

# ଜମିପଟ୍ଟା ଦାବିରେ ମହିଳାଙ୍କ ଅନଶନ



ଜିଲାପାଳଙ୍କ ଅଫିସ ଆଗରେ ମହିଳାଙ୍କ ଅନଶନ।

**ବରଗଡ଼,୧୯।୭(ପ୍ରେମାନନ୍ଦ ଖମାରୀ)**

ଜମିପଟ୍ଟା ଦାବିରେ ବରଗଡ଼ ଜିଲାପାଳ ଅଫିସ ଆଗରେ ଜଣେ ମହିଳା ଅନଶନରେ ବସିଛନ୍ତି। ମହିଳା ଜଣକ ହେଲେ ବରଗଡ଼ ଗଙ୍ଗାଧର ନଗର ନିବାସୀ ପଦ୍ମିନୀ ସେଠ। ଜିଲା ପ୍ରଶାସନ ଏବଂ ଜନ ପ୍ରତିନିଧିମାନଙ୍କୁ ଫେରାଦ ହେବା ସତ୍ତ୍ୱେ ତାଙ୍କୁ ଜମି ପଟ୍ଟା ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେ ଅନଶନରେ ବସିଥିବା କହିଛନ୍ତି। ଜମି ପଟ୍ଟା ନ ମିଳିବା ପର୍ଯ୍ୟନ୍ତ ଅନଶନ ଜାରି ରଖିବେ ବୋଲି ସେ କହିଛନ୍ତି। ସେ ନିହାତି ଗରିବ। ଅନ୍ୟ ଘରେ ବାସନକୁସନ ସଫା କରି ଯାହା ରୋଜଗାର କରୁଥିଲେ। ସେଥିରେ ସେ ଜୀବନ ଅତିବାହିତ କରୁଥିଲେ। ମାତ୍ର ତାଙ୍କ ଦେହ ଅସୁସ୍ଥ ହେବା ପରେ ସେ ଆଉ କାମଧନ୍ଦା କରି ପାରୁ ନାହାନ୍ତି। ଏପରିକି ତାଙ୍କ ନିଜ ଘର ନ ଥିବା ଯୋଗୁ ଭଡାଘରେ ରହୁଥିବା ସେ କହିଛନ୍ତି। ଫଳରେ ତାଙ୍କୁ ଘରଡିହ ପଟ୍ଟା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

# ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

**ପାଇକମାଳ,୧୯।୭(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଓ ଏନଏସଏସର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ଶୁକ୍ରବାର ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଲୋହିତ କୁମାର ବାରିକଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହିତ ମନୁଷ୍ୟ ସମାଜକୁ ବୃକ୍ଷର ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପାଇକମାଳ ବନ ବିଭାଗ ରେଞ୍ଜ ଅଫିସର ହୃଦାନନ୍ଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷର ଉପକାରିତା ସମ୍ପର୍କରେ ବକ୍ତବ୍ୟ ରଖି 'ମା ପାଇଁ ଗଛଟିଏ' ବୋଲି ଆହ୍ୱାନ ଦେବା ସହ ଗଛ ଲଗାଇବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ବୃକ୍ଷର ଆବଶ୍ୟକତା ସମ୍ବନ୍ଧରେ ବିସ୍ତୃତ ଭାବେ ବୁଝାଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଗଛ ଲଗାଇବାର ଏକାନ୍ତ ଆବଶ୍ୟକତା ରହିଛି ବୋଲି ଗଛ ଲଗାଇବା ପାଇଁ ଉପଦେଶ ଦେଇଥିଲେ। ଅଧକ୍ଷ ବାରିକ ମଧ୍ୟ ଅଭିଭାଷଣରେ 'ବୃକ୍ଷ ହିଁ ଜୀବନ' ବୋଲି ସନ୍ଦେଶ ଦେବା ସହ ସମସ୍ତେ ଗୋଟିଏ ଗୋଟିଏ ବୃକ୍ଷରୋପଣ କରି ପରିବେଶକୁ ବଞ୍ଚାଇ ରଖିବା ପାଇଁ ଉପଦେଶ ଦେଇଥିଲେ। ଶେଷରେ ଯୁବରେଡକ୍ରସ ସଂଯୋଜିକା ଅଧ୍ୟାପିକା ପୁଷ୍ପ ମଞ୍ଜରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପାରମ୍ପରିକ ପ୍ରଥାନୁଯାୟୀ ବୃକ୍ଷକୁ ପୂଜନ କରିବା ସହିତ ମହାବିଦ୍ୟାଳୟ ପରିସରରେ ଅତିଥି, ଅଧ୍ୟାପକ , ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ର ସମସ୍ତେ ମିଶି ବିଭିନ୍ନ ବୃକ୍ଷରୋପଣ କରିଥିଲେ।




ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ବୃକ୍ଷ ରୋପଣ।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବୃଦ୍ଧ ମୃତ, ରାସ୍ତା ଅବରୋଧ

**ବରଗଡ଼,୧୯।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରୁ ସୋହେଲା ପଟକୁ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ସୟାଁ ଛକରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ପିକଅପ୍ ଭ୍ୟାନ ଧକ୍କା ଦେବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ସୟାଁ ନିକଟ ଆମବୁରେଇ ନିବାସୀ ଶୁକଦେବ ଶିକା(୭୦)। ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲା। ଏହାପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା।

ପ୍ରକାଶ ଯେ, ବୃଦ୍ଧ ଶୁକଦେବ ଏକ ସାଇକେଲ ଯୋଗେ ତାଙ୍କ ୱେଲଡ଼ିଙ୍ଗ ଦୋକାନକୁ ଯାଉଥିଲେ। ଏହି ସମୟରେ ଏକ ପିକଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସ୍ଥାନୀୟ ଲୋକେ ସେଠାକୁ ପହଞ୍ଚି ରାସ୍ତା ଅବରୋଧ କରିଥିଲେ। ଅତିରିକ୍ତ ଏସପି ତପନ କୁମାର ମହାନ୍ତି, ଏସଡ଼ିପିଓ ପଦାରବିନ୍ଦ ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ରାସ୍ତାପାର୍ଶ୍ୱରେ ଅନେକ ଟ୍ରକ ଧାଡ଼ି ବାନ୍ଧି ଦୀର୍ଘ ସମୟ ଧରି ଅଟକି ରହୁଥିବା ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଛି ଏବଂ ଏଥିପାଇଁ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ଲୋକେ ଅଭିଯୋଗ କରିଥିଲେ। ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ପୋଲିସ ଅଧିକାରୀମାନେ କହିଥିଲେ।



ମୃତଦେହ ରଖି ଲୋକେ ରାସ୍ତା ଅବରୋଧ କରିଛନ୍ତି।

## ଡେଙ୍ଗୁ ସଚେତନତା ଶିବିର

ରାଉରକେଲା, ୧୯।୭(ଦିନେଶ ମିଶ୍ର): ବାସନ୍ତୀକଲୋନୀସ୍ଥିତ କୁଷ୍ଠବସ୍ତିରେ ଅସହାୟର ସାହାରା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଡେଙ୍ଗୁ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଖୁର୍ସିଦା ବାନୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଜିଏଚ୍‌ର ଅବସରପ୍ରାପ୍ତ ଡା. ପି. କିଷାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡେଙ୍ଗୁରୋଗର ନିରାକରଣ ବିଷୟରେ କହିଥିଲେ। ବସ୍ତି ଭିତରେ ଥିବା ଗର୍ତ୍ତ ସ୍ଥାନରେ ପାଣିକୁ ଜମା ନ ରଖିବା, ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇବା ଭଳି ସ୍ୱଚ୍ଛତା ଦିଗ ଉପରେ ଅନୁଷ୍ଠାନ ପକ୍ଷରୁ ପ୍ରାଥମିକତା ଦିଆଯାଇଥିଲା। ଏଥିସହ ବର୍ଷାଦିନ ଯୋଗୁ ମଶା ଓ ଡେଙ୍ଗୁ ଦାଉରୁ ନିଜକୁ ରକ୍ଷା କରିବା ପାଇଁ ଶୋଇଲାବେଳେ ମଶାରୀ ଟାଙ୍ଗି ଶୋଇବାକୁ ପରାମର୍ଶ ଦେଇଥିଲେ। ଲଗାତାର ଦେହରେ ଜ୍ୱର ରହିବା, ହାତ ଗଣ୍ଠି ଘୋଳାବିନ୍ଧା ହେବା ଲକ୍ଷଣ ଦେଖାଯାଏ ତାହେଲେ ଡାକ୍ତରଙ୍କ ସହ ତୁରନ୍ତ ପରାମର୍ଶ କରିବାକୁ ଅତିଥି କିଷାନ ମତ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ବସ୍ତିରେ ଡେଙ୍ଗୁ ସଚେତନତା ରାଲି ସଙ୍ଗଠନ ପକ୍ଷରୁ କରାଯାଇଥିଲା। ଏଥିରେ ସଙ୍ଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସ୍ଥାନୀୟ ବସ୍ତିବାସୀଙ୍କୁ ଡେଙ୍ଗୁ ନିରାକରଣ ଉପରେ ସଚେତନ କରିଥିଲେ।

# ବାସଗୃହ ଯୋଗାଇ ଦେବାରେ ବିଫଳ ହେଉଛି ଆର୍‌ଡିଏ

ରାଉରକେଲା, ୧୯।୭(ସଙ୍ଗୀତା ଜେନା)




- କେବେ ବଦଳିବ ସ୍ଥିତି, ନୂତନ ଯୋଜନାକୁ ଅପେକ୍ଷା
- କୋଏଲ ଓ ଦେଓନଦୀ ବ୍ରିଜ ପରେ ଆକାଶଛୁଆଁ ଜମି ଦର
- ଏଏଚ୍‌ଏସ୍ ପ୍ରକଳ୍ପର ବର୍ତ୍ତମାନ ସ୍ଥିତିକୁ ନେଇ ସମୀକ୍ଷା ହେବ: ଆର୍‌ଡିଏ ସମ୍ପାଦିକା

ଇସ୍ପାତ ସହରରେ ଲୋକଙ୍କୁ ସୁଲଭ ମୂଲ୍ୟରେ ଘର ଯୋଗାଇ ଦେବାକୁ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ(ଆର୍‌ଡିଏ) ଗଠନ କରାଯାଇଥିଲା। ହେଲେ ଏବେ ଏହା ଲୋକଙ୍କୁ ବାସଗୃହ ଯୋଗାଇ ଦେବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଦିନକୁ ଦିନ ରାଉରକେଲା ଓ ଏହାର ଆଖପାଖ ଅଞ୍ଚଳରେ ଘରଭଡ଼ା ଅଧିକ ରହୁଛି। ସାଧାରଣ ତଥା ମଧ୍ୟବିତ୍ତ ପରିବାର ପକ୍ଷେ ଏହା ସମ୍ଭବ ନୁହେଁ। ଆର୍‌ଡିଏ କେବଳ ଘର ଯୋଗାଇବା କାର୍ଯ୍ୟକୁ ଔପଚାରିକତା ଭାବେ ନିଭାଉଛି। ସହରରେ ୨୦୦୩, ୨୦୨୦ରେ ଆଫର୍ଡେବଲ୍ ହାଉସିଂ ସ୍କିମ୍ (ଏଏଚ୍‌ଏସ୍) ପରେ କୌଣସି ନୂତନ ପ୍ରକଳ୍ପ ଆରମ୍ଭ ହୋଇନାହିଁ। ଫଳରେ ମଧ୍ୟବିତ୍ତ ସମୂହ ସମ୍ପ୍ରତି ରାଉରକେଲାର ପାରିପାର୍ଶ୍ୱିକ ଅଞ୍ଚଳରେ ନିଜ ବାସଗୃହ ବ୍ୟବସ୍ଥା କରିବାକୁ ମୁହାଁଉଛନ୍ତି। ଏହାର ସୁଯୋଗ ନେଇ ଜମି ମାଫିଆମାନେ ସ୍ଥାନୀୟ ଲୋକଙ୍କଠାରୁ ଶାଗମାଛ ଦରରେ ଜମି କିଣି ଏହି ମଧ୍ୟବିତ୍ତଙ୍କୁ ଅଧିକ ଦରରେ ବିକ୍ରି କରୁଛନ୍ତି। ହମିରପୁରଠାରେ କୋଏଲ ବ୍ରିଜ ଏବଂ ମୀଟକୁନ୍ଦରୀଠାରେ ଦେଓନଦୀ ବ୍ରିଜ ପ୍ରକଳ୍ପ ନିର୍ମାଣ ଆରମ୍ଭ ହେବା ପରେ କୋଏଲନଦୀ ପାର୍ଶ୍ୱରେ ଥିବା ଜମିଗୁଡ଼ିକ ଦର ଆକାଶଛୁଆଁ ହୋଇଛି। ଆର୍‌ଡିଏର ବିଫଳତା ଯୋଗୁ ପରୋକ୍ଷ ଓ ପ୍ରତ୍ୟକ୍ଷରେ ବିଲଡର୍‌ମାନେ ସହରରେ ବୃହତ୍ ହାଉସିଂ କମ୍ପ୍ଲେକ୍ସ, ଆପାର୍ଟମେଣ୍ଟ କରି ମୋଟା ଅର୍ଥ ଅର୍ଜନ କରୁଛନ୍ତି। ରାଉରକେଲାର କୋଏଲନଗର, ଜଗଦା, ଝିରପାଣି, ଶକ୍ତିନଗର, ସିଭିଲଟାଉନଶିପ୍, ଟିସିଆଇ, ବେଦବ୍ୟାସ, ବାସନ୍ତୀକଲୋନିରେ ଘର ଉପଯୋଗୀ ଜମିଗୁଡ଼ିକ ଆପାର୍ଟମେଣ୍ଟରେ ପରିବର୍ତ୍ତିତ ହେଉଛି। ସେହିପରି ସହରର ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ପସରା, ରିୟୁ, କଚାରୁ, ସିମେରତା, ଖୁଣ୍ଟଗାଁ, ନୂଆଗାଁ, ବାଗଡେଗା, ଦିଶ୍ୱପୁର, ବାରଲେପ୍ଟା, ଫୁଲଝର୍, ତେତରକେଲା, କୋଏଲସୁତା, ଲହଣ୍ଡା, କଦଳୀବାହାର ସମେତ ଲାଠିକଟା, ତହସିଲରେ ଆସୁଥିବା ପ୍ରାୟ ସମସ୍ତ ଅଞ୍ଚଳରେ ବାସଗୃହ ଜମିଗୁଡ଼ିକର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ଘରବାଡି ଜମି ଡେସିମିଲ୍ ପିଛା ୫ରୁ ୬ ଲକ୍ଷ ଟଙ୍କାରେ ବିକ୍ରୟ ହେଉଛି। ଏପରି କି ଅନାବାଦି ଜିମକୁ ମଧ୍ୟ ବିକ୍ରୟ କରିଦିଆଯାଉଛି। ବ୍ୟାପକ ଆପାର୍ଟମେଣ୍ଟ ନିର୍ମାଣରେ ଆଇନକାନୁନ୍‌ର ଅଣଦେଖା ହେଉଥିଲେ ମଧ୍ୟ ଏପରି ପ୍ରକଳ୍ପକୁ ମଞ୍ଜୁରୀ ମିଳୁଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଉକ୍ତ ଆପାର୍ଟମେଣ୍ଟରୁ ପରିତ୍ୟକ୍ତ ଜଳ ଓ ଆବର୍ଜନା ନଦୀଜଳରେ ମିଶି ପ୍ରଦୂଷଣ ସୃଷ୍ଟି କରୁଛି। ସଂକୀର୍ଣ୍ଣ ତଥା ଅଣଓସାରିଆ ରାସ୍ତା ଥିବା ସ୍ଥାନରେ ଏପରି ଆପାର୍ଟମେଣ୍ଟରେ ଭବିଷ୍ୟତରେ ଅଗ୍ନିକାଣ୍ଡ ଘଟିଲେ କୌଣସି ଉଦ୍ଧାର କାର୍ଯ୍ୟ ହେବାଭଳି ପରିସ୍ଥିତି ରହୁନି। ଅପରପକ୍ଷରେ, ବସ୍ତିବାସିନ୍ଦାଙ୍କ ପାଇଁ ଏଏଚ୍‌ଏସ୍‌ରେ ପ୍ରଥମ ପର୍ଯ୍ୟାୟରେ ପାନପୋଷବସ୍ତି, ମନଟୋଲା ୧ ଓ ୨,ବାଙ୍ଗଲାଟୋଲା ଆଦିର ୫ଶହ ଲୋକଙ୍କୁ ସର୍ଭେ ପରେ ତାଲିକା ପ୍ରସ୍ତୁତ କରାଯାଇଥିଲା। ଉକ୍ତ ପ୍ରକଳ୍ପ ଛେଣ୍ଡରେ ନିର୍ମାଣ ହେଉଛି। ୨୦୨୦ରେ ଆରମ୍ଭ ହୋଇଥିବା ପ୍ରକଳ୍ପ ଶେଷ ହୋଇନାହିଁ। ଏହାର ନିର୍ମାଣ ସମୟସୀମା ପରିବର୍ଦ୍ଧିତ କରାଯାଇଛି। ତେବେ ମଧ୍ୟବିତ୍ତଙ୍କ ପାଇଁ ଏମ୍‌ଆଇଜି ଓ ଏଲ୍‌ଆଇଜି ଘରର ଆବଶ୍ୟକତା ରହିଛି। କିଛି ବର୍ଷ ପୂର୍ବେ ଛେଣ୍ଡ ପ୍ରଧାନପାଲିରେ ଏପରି ପ୍ରକଳ୍ପ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପରେ ତାହାର କୌଣସି ଉତ୍ତର ଆସି ନ ଥିଲା। ତେବେ ଚଳିତ ମାସରେ ଏନେଇ ନୂତନ ବାସଗୃହ ପ୍ରସ୍ତାବ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି ବୋଲି ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ଆରଡିଏ ସମ୍ପାଦିକା ପଲ୍ଲବୀ ନାୟକଙ୍କୁ ପଚାରିବାରୁ, ବସ୍ତିରେ ରହୁଥିବା ନିମ୍ନମଧ୍ୟବିତ୍ତ ଲୋକଙ୍କ ପାଇଁ ଏଏଚ୍‌ଏସ୍‌ରେ ପ୍ରଥମ ପର୍ଯ୍ୟାୟରେ ପାନପୋଷବସ୍ତି, ମନଟୋଲା ୧ ଓ ୨, ବାଙ୍ଗଲାଟୋଲା ଆଦିର ୫ଶହ ଲୋକଙ୍କୁ ସର୍ଭେ ପରେ ତାଲିକା ପ୍ରସ୍ତୁତ କରାଯାଇଥିଲା। ଉକ୍ତ ପ୍ରକଳ୍ପ ଛେଣ୍ଡରେ ନିର୍ମାଣ ହେଉଛି। ୨୦୨୦ରେ ଆରମ୍ଭ ହୋଇଥିବା ପ୍ରକଳ୍ପ ଶେଷ ହୋଇନାହିଁ। ଏହାର ନିର୍ମାଣ ସମୟସୀମା ପରିବର୍ଦ୍ଧିତ କରାଯାଇଛି। ବର୍ତ୍ତମାନ ଏହାର ସ୍ଥିତିକୁ ନେଇ ସମୀକ୍ଷା ବୈଠକରେ ନିର୍ଦ୍ଧାରଣ କରାଯାଇଛି ବୋଲି ନାୟକ କହିଥିଲେ।

## ଋଣ ନାମରେ ନେଇଗଲେ ୫୦ହଜାର

ରାଉରକେଲା, ୧୯।୭(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଋଣ କିସ୍ତି ନାମରେ ୫୦ ହଜାର ଟଙ୍କା ସାଇବର ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଠକେଇର ଶୀକାର ହୋଇଥିବା ବ୍ୟକ୍ତି ହେଉଛନ୍ତି ପ୍ଲାଣ୍ଟସାଇଟ୍ ରୋଡ୍‌ର ଅଭିଷେକ ସିଂହ। ଏ ନେଇ ପୋଲିସ ମାମଲା(ନଂ. ୫୯୩/୨୪) ରୁଜୁ କରିଛି। ସୂଚନାଯୋଗ୍ୟ, ଅଭିଷେକଙ୍କ ନାମରେ ଏଲ୍ ଆଣ୍ଡ ଟି ଫାଇନାନ୍ସରେ ପୂର୍ବରୁ ଋଣ ଥିଲା। କିନ୍ତୁ ଶୁଝିବା ପରେ ୯୦ହଜାର ଟଙ୍କା ବଳକା ରାଶି ରହିଥିଲା। ତାଙ୍କୁ ଫୋନ ମାଧ୍ୟମରେ ଋଣ ଶୁଝିବାକୁ ନିର୍ଦ୍ଦେଶ ଆସିଥିଲା। ଏକ ଆପ୍ ଡାଉନଲୋଡ୍ କରି ଋଣ କିସ୍ତି ଜମା କରିବାକୁ କୁହାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତି ଆପ୍ ଲୋଡ୍ କରିବା ପରେ ଏକ ଓଟିପି ସମ୍ପର୍କରେ ସୂଚନା ପ୍ରଦାନ କରିଦେଇଥିଲେ। ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୦ ହଜାର ଟଙ୍କା ରାଶି କଟିଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ

ରାଉରକେଲା, ୧୯।୭ (ସଙ୍ଗୀତା ଜେନା)

ରାଉରକେଲା ଓକିଲ ସଂଘର ସାଧାରଣ ପରିଷଦର ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ଆଇନଜୀବୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏକ ସ୍ମାରକପତ୍ର ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହାର ନକଲ ଆଇନମନ୍ତ୍ରୀ ତଥା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷଙ୍କୁ ପ୍ରେରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିରଜାପାଲୀ ସ୍ଥିତ ନୂତନ କୋର୍ଟ ପରିସରରୁ ଏକ ଶୋଭାଯାତ୍ରାରେ ଆଇନଜୀବୀମାନେ ଉଦିତନଗର ସ୍ଥିତ ଏଡିଏମ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ରାଜ୍ୟ ସରକାର ଯୁଗ୍ମ ଅନୁଦାନ ବାବଦରେ ବାର୍ଷିକ ୫କୋଟି ଟଙ୍କା ପରିବର୍ତ୍ତେ ୧୦କୋଟି ପ୍ରଦାନ କରିବା, ମଧୁବାବୁ ସ୍ୱାସ୍ଥ୍ୟ ବୀମା ଯୋଜନା କରି ରାଜ୍ୟର ସମସ୍ତ ଆଇନଜୀବୀଙ୍କୁ ୧୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇଦେବା, ଆଇନଜୀବୀଙ୍କ ମୃତ୍ୟୁକାଳୀନ କ୍ଷତିପୂରଣ ୨୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରିବା, ଆଇନଜୀବୀ ପେଶାରେ ଯୋଗଦେଉଥିବା ନୂତନ ଆଇନଜୀବୀଙ୍କୁ କେରଳ ଓ ଅନ୍ୟ ରାଜ୍ୟ ପରି ମାସିକ ୧୦ ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ କରିବା ଆଦି ଉକ୍ତ ଦାବି ପତ୍ରରେ ଉଲ୍ଲେଖ ରହିଛି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଏ ବାବଦରେ ପୂର୍ବରୁ ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ଏଥିରେ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ରାଉରକେଲା ଓକିଲ ସଂଘ ସଭାପତି ସଦାନନ୍ଦ ସାହୁ, ଉପସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ଯୁଗ୍ମ ସମ୍ପାଦକ ଅନୁସୂରି ହରିଦୋରା, କାର୍ଯ୍ୟକାରୀ କମିଟି ସଦସ୍ୟ ସନ୍ତୋଷ ତ୍ରିପାଠୀ, ମେରୀ ମ୍ୟାକ୍ସିମା ଏକ୍କା, ସୁମିତା ନନ୍ଦ, ଉଦୟ ଲାକ୍ରା, ରାମପ୍ରସାଦ ପଟ୍ଟନାୟକ, ପ୍ରବାଳରଞ୍ଜନ ବାରିକ, ଚନ୍ଦ୍ରଭାନୁ ଦାସ, ଅଶୋକ ଲେଙ୍କା, ଇନ୍ଦ୍ର ବାହାଲା,ନରେଶ ବେହେରା, ସ୍ୱାଗତିକା ମହାନ୍ତି, ପ୍ରତିଭା ନାଏକ, ଶ୍ରୀକାନ୍ତ ସାହୁ, ଭଗତ ସାହୁ, ତାରିଣୀ କିଙ୍କର ଦାସ, ଅଭିଷେକ କୁମାର, ରେଖା ଗୁପ୍ତା, ଅରୁଣ ଗୋଚ୍ଛାୟତ ସମେତ ଶତାଧିକ ଆଇନଜୀବୀ ସାମିଲ ହୋଇଥିଲେ।


ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।


ଜୈବିକ ଚାଷ ତାଲିମ ନେଇଥିବା ଗ୍ରାମାଞ୍ଚଳର ମହିଳା ଚାଷୀ।

## ତାଲିମ କାର୍ଯ୍ୟକ୍ରମରେ ୫୦ ମହିଳା ଚାଷୀଙ୍କ ଅଂଶଗ୍ରହଣ

ରାଉରକେଲା, ୧୯।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସିଏସ୍‌ଆର୍ ବିଭାଗ ଓ ଏନ୍‌ଆଇଟି ରାଉରକେଲା ପକ୍ଷରୁ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ବର୍ଜ୍ୟରୁ ଐଶ୍ୱର୍ଯ୍ୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମ ୩ ଦିନଧରି ଚାଲିଥିଲା। କାର୍ଯ୍ୟକ୍ରମ ଉଦ୍‌ଯାପନୀ ସମାରୋହରେ ଏଚଆର ବିଭାଗ ତଥା ପ୍ରକଳ୍ପ ବିଭାଗ ଅତିରିକ୍ତ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଜଗଦା, ଜମସେରା, ଆଦର୍ଶ ଇସ୍ପାତ ଗ୍ରାମ ଓ ବିଶ୍ରା ବ୍ଲକର ଝିରପାଣି ପୁନର୍ବସତି କଲୋନୀ, ଲାଠିକଟା ବ୍ଲକର ସୋନାପର୍ବତ ଏବଂ ନୂଆଗାଁ ବ୍ଲକର ସୁଆଜୋର ସମେତ କୋଇଲସୁତା ଗାଁର ପ୍ରାୟ ୫୦ ମହିଳାଚାଷୀ ଭାଗ ନେଇଥିଲେ। ଉଦ୍‌ଯାପନୀ ସମାବେଶରେ ତରୁଣ ମିଶ୍ର ଅଂଶଗ୍ରହଣକାରୀଙ୍କୁ ତାଲିମର ସର୍ବୋତ୍ତମ ଉପଯୋଗ କରିବା ପାଇଁ ପ୍ରେରଣା ଦେଇଥିଲେ। ଏଥିସହ ଜୈବିକ କୃଷିଜନିତ ଲାଭ କରିଥିବା ତାଲିମ ମାଧ୍ୟମରେ ବ୍ୟାପକ ଜନସଚେତନତା ସୃଷ୍ଟି କରି ମୃତ୍ତିକା ସଂରକ୍ଷଣ ବଜାୟ ରଖିବା ସହ ପରିବେଶ ସନ୍ତୁଳନତା ସୁନିଶ୍ଚିତ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୈବିକ କୃଷି ମୌଳିକ ଆବଶ୍ୟକତା ବିଷୟରେ ତାଲିମ ପ୍ରଦାନ କରାଯିବା ସହିତ ଛତୁ ଚାଷ, ଜିଆଖତ ପ୍ରସ୍ତୁତି, ଜୈବିକ କୀଟନାଶକ ଆଦି ଜୈବକ କୃଷି ମାଧ୍ୟମରେ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ନେଇ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ କାର୍ଯ୍ୟକ୍ରମ ଏନ୍‌ଆଇଟି ରାଉରକେଲାର ପ୍ରଫେସର ଓ ଅନୁସନ୍ଧାନକାରୀ କେଭିକେର ବୈଜ୍ଞାନିକ ଏବଂ ଜୈବିକ କୃଷି କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କୁ ନେଇ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ସିଏସ୍‌ଆର୍ ବିଭାଗର ଜିଏମ୍ ମୁନ୍‌ମୁନ ମିତ୍ର ଗ୍ରାମାଞ୍ଚଳ ଲୋକଙ୍କ ଆଜୀବିକା ଉନ୍ନତୀ ସାଧନ ପାଇଁ ଆର୍‌ଏସ୍‌ପି ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ସିଏସ୍‌ଆର୍ ବିଭାଗର ଏଜିଏମ୍ ଟି.ବି. ଟପ୍ପୋ ସମାବେଶକୁ ସ୍ୱାଗତ କରିଥିବା ବେଳେ ଏନ୍‌ଆଇଟି ରାଉରକେଲାର ଡିନ୍ ରାମଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଆଇଟି ରାଉରକେଲାର ଜି.କେ. ନେହେରୁ ସଂଯୋଜନା କରିଥିଲେ।

## ଜଳୁନି ଷ୍ଟ୍ରିଟ୍ ଲାଇଟ: ରିଙ୍ଗରୋଡ୍ ଅନ୍ଧକାର

- ଶହେରୁ ଊର୍ଦ୍ଧ୍ୱ ଲାଇଟ୍ ଭାଙ୍ଗି ନଷ୍ଟ
- ହକି ବିଶ୍ୱକପ ସମୟରେ ଲାଗିଥିଲା
- ୭ଦିନ ଭିତରେ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ: କମିଶନର

ରାଉରକେଲା, ୧୯।୭(ଦିନେଶ ମିଶ୍ର)



ଷ୍ଟିଲସିଟି ରାଉରକେଲାରେ ହକି ବିଶ୍ୱକପକୁ ନେଇ ବହୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିଲା। ସହରରେ ଥିବା ବିଭିନ୍ନ କାନ୍ଥବାଡକୁ ଚିତ୍ର ମାଧ୍ୟମରେ ସୁସଜ୍ଜିତ କରାଯିବା ସହ ରିଙ୍ଗରୋଡ ରାସ୍ତାକଡରେ ଲକ୍ଷାଧିକ ଟଙ୍କା ବିନିଯୋଗ କରି ସୌନ୍ଦର୍ଯ୍ୟମୟ ଷ୍ଟ୍ରିଟ ଲାଇଟ ଲଗାଯାଇଥିଲା। ମାତ୍ର ପରିତାପର ବିଷୟ ରକ୍ଷଣାବେକ୍ଷଣ ଅଭାବରୁ ବିଶ୍ୱକପ ସରିବାର ମାତ୍ର ଦେଢ଼ ବର୍ଷ ଭିତରେ ଲାଇଟଗୁଡିକ ଭାଙ୍ଗିଯାଇଛି। ଉଦିତନଗର ଛକଠାରୁ ଆରମ୍ଭ କରି ହନୁମାନ ବାଟିକା ଛକ ପର୍ଯ୍ୟନ୍ତ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସନ୍ଧ୍ୟା ହେଲେ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଉକ୍ତ ରାସ୍ତା କଡରେ ବସ୍ତି ଅଞ୍ଚଳ ଥିବାରୁ ଅନ୍ଧାରର ସୁଯୋଗ ନେଇ ଏଠାରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନର କୌଣସି ଦୃଷ୍ଟି ନାହିଁ। ସେହିଭଳି ରାଉରକେଲା ରିଙ୍ଗରୋଡର ହନୁମାନ ବାଟିକା ଛକ ଏକ ପ୍ରମୁଖ ଛକ ହୋଇଥିବାବେଳେ ଏହି ଛକର ପ୍ରବେଶ ପଥରେ ଏକ ଲାଇଟ୍‌ମୟ ସେଲ୍‌ଫି ଜୋନ୍ ନିର୍ମାଣ କରାଯାଇଥିଲା। ଉକ୍ତ ସେଲଫି ଜୋନ୍‌ରେ ରଙ୍ଗିନ ଲାଇଟ୍ ସାଙ୍ଗକୁ ସୁନ୍ଦର ୱାଟରଫାଉଣ୍ଟେନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ହେଲେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ଭଗ୍ନ ଅବସ୍ଥାରେ ପଡି ରହିଛି। ଏହାକୁ ପୁନଃ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଥିଲେ, ଉଦିତନଗରସ୍ଥିତ ରିଙ୍ଗରୋଡ ଛକରୁ ନେଇ ହନୁମାନ ବାଟିକା ଛକ ପର୍ଯ୍ୟନ୍ତ ଲାଗିଥିବା ସୌନ୍ଦର୍ଯ୍ୟକରଣ ଲାଇଟ୍‌ଗୁଡିକ ଭଗ୍ନ ଅବସ୍ଥାରେ ପଡିଥିବା ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଲାଇଟ୍‌ଗୁଡିକ କିଭଳି ଭାଙ୍ଗିଲା ଓ ଏହାର କିଭଳି ତୁରନ୍ତ ମରାମତି କରାଯାଇପାରିବ ସେନେଇ ଆରଏମ୍‌ସିରେ ଥିବା ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ। ଆସନ୍ତା ୭ଦିନ ଭିତରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି କୁଲକର୍ଣ୍ଣ ମତ ପ୍ରକାଶ କରିଥିଲେ।

## ଭିଏସ୍‌ଏସ୍ ମାର୍କେଟରେ ୪ ଦିନ ହେଲା ପାଣି ନାହିଁ

ରାଉରକେଲା, ୧୯।୭(ସଙ୍ଗୀତା ଜେନା) : ଛେଣ୍ଡ ସ୍ଥିତ ଭିଏସ୍‌ଏସ୍ ମାର୍କେଟରେ ୪ ଦିନରୁ ପାଣି ଯୋଗାଣ କରାଯାଇ ନାହିଁ। ଏ ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଠାରେ ୧୫୦ରୁ ଊର୍ଦ୍ଧ୍ୱ ଦୋକାନ ଏବଂ ସାପ୍ତାହିକ ପରିବା ହାଟ ରହଛି। ଏନେଇ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ମାର୍କେଟ କମିଟି ସଭାପତି ରାଜୀବ ପ୍ରତିହାରୀ, ସମ୍ପାଦକ ଜଗବନ୍ଧୁ ସାହୁ ସମେତ ଅନ୍ୟ ଦୋକାନୀମାନେ ଅଭିଯୋଗ କରିଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

- ବସ୍ତି ଭିତରେ ପଶୁଛି ଅପରିଷ୍କାର ପାଣି
- ବିଶ୍ୱକର୍ମା ବିହାର ବସ୍ତିବାସୀଙ୍କ ଦୁଃଖ ଶୁଣୁନି ଆର୍‌ଏମ୍‌ସି

ରାଉରକେଲା, ୧୯।୭(ବିପ୍ଳବ ରଞ୍ଜନ ଦାଶ)


ଆନ୍ଦୋଳନ ଚେତାବନୀ ଦେଇଥିବା ବସ୍ତିବାସୀ।

ରାଉରକେଲା ମହାନଗର ନିଗମ ୱାର୍ଡ ନଂ.୧ ବିଶ୍ୱକର୍ମା ବିହାର ବସ୍ତିରେ ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ବର୍ଷାଦିନେ ବସ୍ତି ଭିତରକୁ ଏନ୍‌ଏଚ୍‌ଆଇ ଓ ରେଲୱେ ଲାଇନର ପରିତ୍ୟକ୍ତ ପାଣି ପଶୁଛି। ଦୀର୍ଘବର୍ଷ ହେଲା ଏହି ସମସ୍ୟା ଲାଗି ରହିଛି। ଏନେଇ ବସ୍ତିବାସୀ ବାରମ୍ବାର ଆର୍‌ଏମ୍‌ସି ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଜଣାଉଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ବସ୍ତିରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସାମାନ୍ୟ ବର୍ଷାରେ ରାସ୍ତାଘାଟ କାଦୁଅ ହୋଇଯାଉଛି। ଫଳରେ ବସ୍ତିବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଦୀର୍ଘବର୍ଷ ଧରି ବସ୍ତିବାସୀଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ପାଇପ ପୋତା କାମ ସମ୍ପୂର୍ଣ୍ଣ ହୋଇଯାଇଛି। ହେଲେ ଘରକୁ ପାନୀୟ ଜଳ ପାଇପ ସଂଯୋଗ ହୋଇନାହିଁ। ଯାହାଫଳରେ ବସ୍ତିବାସୀ ଦୂଷିତ ପାଣି ବ୍ୟବହାର କରୁଛନ୍ତି। ବସ୍ତିକୁ ମଶାଦମନ ଧୂଆଁଯନ୍ତ୍ର ଆସୁନାହିଁ କି ଅଳିଆଆବର୍ଜନା ଉଠାଇବା ପାଇଁ ଗାଡ଼ି ଆସୁ ନାହିଁ। ଅଳିଆ ଆବର୍ଜନା ଯୋଗୁ ମଶାବଂଶ ବୃଦ୍ଧି ପାଉଥିବା ବସ୍ତିବାସୀ ଅଭିଯୋଗ କରୁଛନ୍ତି। ଏନେଇ ବସ୍ତିର ଉତ୍ପଳ ଭଗତ ଆର୍‌ଏମ୍‌ସିଠାରେ ବସ୍ତିବାସିନ୍ଦାଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ମଧ୍ୟ ପ୍ରଦାନ କରିସାରିଛନ୍ତି। ତଥାପି ମଧ୍ୟ ବସ୍ତିର ଦୀର୍ଘ ବର୍ଷର ସମସ୍ୟା ସମାଧାନ ହେଉନାହିଁ। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ବସ୍ତିବାସୀ ଉତ୍ପଳ, ଉଷା ସେଠୀ, ମିନତି ବେହେରା, ପ୍ରତିମା ଦାସ, ପୁଷ୍ପା ସା, ପୁଷ୍ପା ଗୁପ୍ତା, ସୁଶୀଳ ସେଠୀ ଓ ପର୍ଶୁରାମ ସେଠୀ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ, ଆର୍‌ଏମ୍‌ସି ପକ୍ଷରୁ ଜଣେ ଅଧିକାରୀ ବସ୍ତିର ଅନୁଧ୍ୟାନ କରି ସାରିଛନ୍ତି। ଆଗକୁ ବସ୍ତିରୁ କିଭଳି ବର୍ଷାଜଳ ନିଷ୍କାସିତ ହେବ ଏବଂ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ଅଗଷ୍ଟ ସୁଦ୍ଧା ଶ୍ରମିକ ନିର୍ବାଚନ ପାଇଁ ଦାବି

ରାଉରକେଲା, ୧୯।୭(ସଙ୍ଗୀତା ଜେନା)



ସେକ୍ଟର-୫ ଆର୍‌ଏଲ୍‌ସି କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଉଭୟ ସଂଗଠନର ସଦସ୍ୟମାନେ।

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ନିର୍ବାଚନର ଅବଧୀ ଶେଷ ହୋଇସାରିଛି। ତୁରନ୍ତ ନିର୍ବାଚନ କରାଯାଉ। ନଚେତ୍ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବ। ଏଥିରେ ଶ୍ରମ ବିଭାଗ ଓ ଅନ୍ୟ ଶ୍ରମିକ ସଙ୍ଗଠନ ଦାୟୀ ରହିବେ। ଶୁକ୍ରବାର ସନ୍ଧ୍ୟାରେ ରାଉରକେଲା ଶ୍ରମିକ ସଂଘ(ଆର୍‌ଏସ୍‌ଏସ୍) ଓ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍ )ର ମିଳିତ ଆନୁକୂଲ୍ୟରେ ଆୟୋଜିତ ବିକ୍ଷୋଭରେ ଏହା କୁହାଯାଇଥିଲା। ସେକ୍ଟର-୫ ଆଞ୍ଚଳିକ ଶ୍ରମ ଆୟୁକ୍ତ( ଆର୍‌ଏଲ୍‌ସି) କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଆର୍‌ଏସ୍‌ଏସ୍‌ର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ଓ ଜିଏମ୍‌ଏମ୍‌ର ସଭାପତି ତଥା ପୂର୍ବତନବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ହୋଇଥିଲା। ଏହି ଅବସରରେ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ବେହେରା କହିଛନ୍ତି, ୨୦୨୦ରେ ହୋଇଥିବା ନିର୍ବାଚନ ସମୟକୁ ଆହୁରି ୧୮ ମାସ ଘୁଞ୍ଚାଇ ଦିଆଯାଇଥିଲା। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ନିର୍ବାଚନ ହୋଇଥିଲା। ଚଳିତବର୍ଷ ମାର୍ଚ୍ଚ ୧୧ରେ ନିର୍ବାଚନ ଅବଧୀ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହା କରାଯାଇ ନାହିଁ। ଅନ୍ୟ ଶ୍ରମିକ ସଂଗଠନ ଗୁଡ଼ିକ ସହମତି ପ୍ରଦାନ କରି ନ ଥିବା ଆଳ ଦେଖାଇ ଆଞ୍ଚଳିକ ଶ୍ରମ ଆୟୁକ୍ତ ନିର୍ବାଚନ ସମୟ ଗଡ଼େଇ ଚାଲିଛନ୍ତି। ଏଥିରେ ସମସ୍ତ ଶ୍ରମିକ ସଙ୍ଗଠନ ନିଜର ସହମତି ପ୍ରଦାନ କରିସାରିଛନ୍ତି। ତେଣୁ ଅଗଷ୍ଟ ସୁଦ୍ଧା ଶ୍ରମିକ ନିର୍ବାଚନ କରାଯାଉ। ନଚେତ୍ ପରିଣାମ ପାଇଁ ପ୍ରସ୍ତୁତ ରହିଥାନ୍ତୁ ବୋଲି ବେହେରା ଚେତାବନୀ ଦେଇଥିଲେ। ସେହିପରି ସାଥୀ ସଂଗଠନ ଜିଏମ୍‌ଏମ୍ ସଭାପତି ତୀର୍କୀ ମଧ୍ୟ ଏ ନେଇ ଅସନ୍ତୋଷ ପ୍ରକାଶ କରି ଗତଥର ନିର୍ବାଚନ ପାଇଁ ଅନଶନ ବିକ୍ଷୋଭ କରାଯାଇଥିଲା। ଚଳିତ ଥର ମଧ୍ୟ ତାହା କରାଯିବ। ତେଣୁ ଯଥାଶୀଘ୍ର ନିର୍ବାଚନ କରାଯାଉ ବୋଲି ଦାବି କରିଥିଲେ। ଅପରପକ୍ଷରେ ଶ୍ରମ ଆୟୁକ୍ତ ରବିକାନ୍ତ ରେଡ୍ଡୀ କହିଛନ୍ତି, ସମସ୍ତ ଶ୍ରମ ସଂଗଠନ ସହମତି ଦେବା ଆବଶ୍ୟକ ରହିଛି। ଅଦ୍ୟାବଧୀ ଗୋଟିଏ ଶ୍ରମିକ ସଂଗଠନର ସହମତି ହସ୍ତଗତ ହୋଇନାହିଁ। ସେହିପରି ଏହି ମାମଲା କୋର୍ଟରେ ବିଚାରଧୀନ ରହିଛି। ତେବେ ଯଥାଶୀଘ୍ର ଏହାର ସମସ୍ତ ଔପଚାରିକତା ପୂର୍ଣ୍ଣ କରି ନିର୍ବାଚନ ପ୍ରସ୍ତୁତି କରାଯିବ ବୋଲି ରେଡ୍ଡୀ କହିଛନ୍ତି। ଉକ୍ତ ବିକ୍ଷୋଭରେ ଆର୍‌ଏସ୍‌ଏସ୍‌ର ନିହାର ଦାସ, ନିହାର ସାମଲ, ଦିଲ୍ଲୀପ ମହାପାତ୍ର ତଥା ଜିଏମ୍‌ଏମ୍‌ର ସଞ୍ଜୟ ପଣ୍ଡା, ସୁଲେମାନ କାଉଡିଆ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆର୍‌ଏସ୍‌ପିରେ ଗତଥର ଆର୍‌ଏସ୍‌ଏସ୍ ଓ ଜିଏମ୍‌ଏମ୍ ମିଳିତ ଭାବେ ଶ୍ରମିକ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ୨୦୨୪ରେ ଏହି ନିର୍ବାଚନର ଅବଧୀ ସମାପ୍ତ ହୋଇଛି। ଏଥିରେ ଅନ୍ୟ ଏକ ଶ୍ରମିକସଂଘ ନିର୍ବାଚନରେ ଅନ୍ତରାୟ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି।

### ଆର୍‌ଏସ୍‌ଏସ୍,ଜିଏମ୍‌ଏମ୍‌ର ବିକ୍ଷୋଭ ପ୍ରଦର୍ଶନ

# ନିଅଣ୍ଟିଆ ବର୍ଷା: ଆଗେଇପାରୁନି ଚାଷକାମ


ବର୍ଷା ଅଭାବରୁ ବୁଣା ଜମିରେ ଧାନ ଗଜା ହେଉନି।


ବର୍ଷା ଅଭାବରୁ ରୁଆ ଜମି ଫାଟି ଆଁ ହେଲାଣି।

**କୁଚିଣ୍ଡା,୧୯।୭(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଯାଇଛି। ଆଷାଢ ସରିବାକୁ ଯାଉଥିବାବେଳେ ଖରିଫ ଧାନ ଚାଷ କେମିତି ହେବ ଏନେଇ ଆଶଙ୍କାରେ ଚାଷୀ। କୁଚିଣ୍ଡା ଉପଖଣ୍ଡ ତଥା କୃଷିଜିଲା ଏକ କୃଷି ପ୍ରଧାନ ଓ ଅଣଜଳସେଚିତ ଅଞ୍ଚଳ। ତେଣୁ ଏଠାକାର ଚାଷ ପ୍ରାୟ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ। ଚାଷୀ ଋଣ କରଜ କରି ଧାନ ବିହନ ଆଣି ତଳି ସହ ବୁଣାକାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ତଳିଗୁଡିକ ମାସାଧିକ କାଳ ବର୍ଷା ଅଭାବରୁ ରୁଆ ହୋଇ ନ ପାରି ସେଭଳି ପଡିରହିଛି। ଗତ କିଛି ଦିନ ପୂର୍ବରୁ ଚାଷୀ ଜଳାଶୟମାନଙ୍କରୁ ପାଣି ଉଠାଇ କାଁଭାଁ ଜମିରେ ରୁଆ କାର୍ଯ୍ୟ କରିଥିଲେ। ମାତ୍ର ବର୍ଷା ଅଭାବରୁ ରୁଆ ଓ ବୁଣାଜମି ଫାଟି ଆଁ କରି ମରୁଡି ଅବସ୍ଥାକୁ ପହଞ୍ଚିଲାଣି। ଯେଉଁ ଜମିରେ ଚାଷୀମାନେ ରୁଆ ପାଇଁ ତଳି ପକାଇଥିଲେ ବର୍ଷା ଅବସ୍ଥା ଦେଖି ପୁଣି ଧାନ ବିହନ କିଣି ବୁଣିବା ଆରମ୍ଭ କରିଛନ୍ତି।ଏହାଛଡା ବୁଣା ଜମିର ଧାନ ବଡ ହୋଇଯାଇଥିବାରୁ ବର୍ଷା ଅଭାବରୁ ତାହା ମଧ୍ୟ ବେଉଷଣ ହୋଇ ପାରୁନାହିଁ। ବିଗତ ବର୍ଷ ତୁଳନାରେ ଜୁଲାଇ ମାସରେ କୁଚିଣ୍ଡା ଉପଖଣ୍ଡରେ ୧୨୦୭.୫ ମିମି ସ୍ୱାଭାବିକ ବର୍ଷା ହେବା ସ୍ଥଳେ ବର୍ତ୍ତମାନ ସୁଦ୍ଧା ବର୍ଷା ହୋଇଛି ମାତ୍ର ୭୬୧.୫ ମିମି। ଆବଶ୍ୟକ ଠାରୁ ୭୬୧.୫ମିମି କମ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ଆଦୌ ଆଗେଇ ପାରୁନି। ସେହିପରି ଜୁନରେ ଉପଖଣ୍ଡରେ ସ୍ୱାଭାବିକ ବର୍ଷା ୬୫୧.୯ମିମି ହେବା ସ୍ଥଳେ ୪୪୭ମିମି ବର୍ଷା ହୋଇ ୧୭୫.୯ମିମି କମ ହୋଇଛି।

**କୁଚିଣ୍ଡା କୃଷି ଜିଲା**

**ଶୁଖିଲା ପଡ଼ିଛି ନଦୀ ପୋଖରୀ**

ଜୁନ ଏବଂ ଜୁଲାଇରେ ଯଦି ସ୍ୱାଭାବିକ ଠାରୁ କମ ବର୍ଷା ହୁଏ ତେବେ ଖରିଫ ଚାଷ ପ୍ରଭାବିତ ହୋଇ ଚାଷୀ ମରୁଡିର ଶିକାର ହୋଇଥାଏ। କୁଚିଣ୍ଡା ଉପଖଣ୍ଡର ବାମରା ବ୍ଲକରେ ୧୨ ହଜାର ୩୨୦ ହେକ୍ଟର ଚାଷ ଜମିରୁ ୮୩ ହେକ୍ଟର ଜମିରେ ଧାନ ବୁଣା ହୋଇ ମାତ୍ର ୩୭ ହେକ୍ଟର ରୁଆ ସରିଥିବା ବେଳେ ୪୫୫ ହେକ୍ଟର ପାଇଁ ତଳି ପ୍ରସ୍ତୁତ ହୋଇ ରହିଛି। ଜମନକିରା ବ୍ଲକରେ ୧୦ ହଜାର ୬୧୬ ହେକ୍ଟର ଜମିରୁ ୪୭୫ ହେକ୍ଟର ବୁଣା ହୋଇ ୧୫୦ ହେକ୍ଟର ରୁଆ ସରି ୪୩୫ ହେକ୍ଟର ପାଇଁ ତଳି ପ୍ରସ୍ତୁତ ହୋଇ ରହିଛି। ସେହିପରି କୁଚିଣ୍ଡା ବ୍ଲକରେ ୧୧୬୦ ହେକ୍ଟର ଚାଷ ଜମିରୁ ୧୫୫ହେକ୍ଟର ବୁଣା ହୋଇଥିବା ବେଳେ,୨୫ ହେକ୍ଟର ଜମିରେ ରୁଆ ସରିଛି ଏବଂ ୯୩୫ହେକ୍ଟର ପାଇଁ ତଳି ପ୍ରସ୍ତୁତ ହୋଇ ରହିଛି। ଏଭଳି ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ଏକ ପ୍ରକାର ଠପ ହୋଇଯାଇଛି। ଏପର୍ଯ୍ୟନ୍ତ ନଈମାନଙ୍କରେ ପାଣି ଧାର ଆସି ନ ଥିବାବେଳେ ବନ୍ଧ ପୋଖରୀ ସବୁ ଶୁଖିଲା ପଡିଛି।ଏଭଳି ସ୍ଥିତିରେ ଚାଷୀ କେଉଁଠାରୁ ପାଣି ଆଣିବ ଚିନ୍ତାରେ ପଡିଯାଇଛି।

# ସୁନୀତାଙ୍କ ପାଇଁ ରକ୍ତ ଦେଲେ ଇନ୍ଦ୍ରଜିତ୍

**କଟକ,୧୯।୭(ଶିଳ୍ପା ପ୍ରିୟଦର୍ଶିନୀ)**

**ଧରିତ୍ରୀରେ ଖବର ପ୍ରକାଶ ପରେ ମିଳିଲା ସାହାଯ୍ୟ**


ଇନ୍ଦ୍ରଜିତ ମିଶ୍ର

ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ସୁନୀତା ଖାରସେଲ୍‌ଙ୍କୁ ଗୋଟିଏ ୟୁନିଟ୍ ରକ୍ତ ଦେଇ ଜୀବନ ବଞ୍ଚାଇବାରେ ସହାୟକ ହୋଇଛନ୍ତି କଟକ ଶଙ୍କରପୁର ଅଞ୍ଚଳର ସାମାଜିକ କର୍ମୀ ତଥା ଭୋକିଲା ମୁହଁରେ ହସ ସଙ୍ଗଠନର ପ୍ରତିଷ୍ଠାତା ଯୁବରାଜ ଇନ୍ଦ୍ରଜିତ ମିଶ୍ର। 'ଏସ୍‌ସିବିରେ ରକ୍ତ ପାଇଁ ଅଟକିଛି ସୁନୀତାଙ୍କ ଚିକିତ୍ସା' ଶୀର୍ଷକ ଖବର ଧରିତ୍ରୀରେ ଶୁକ୍ରବାର ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଜାଣିବା ପରେ ଇନ୍ଦ୍ରଜିତ୍ ଏସ୍‌ସିବିର ହେମାଟୋଲୋଜି ବିଭାଗରେ ପହଞ୍ଚି ସୁନୀତାଙ୍କ ମାଆବାପାଙ୍କୁ ଭେଟିଥିଲେ। ପରେ ଏସ୍‌ସିବି ରକ୍ତଭଣ୍ଡାରରେ ସେ ଏକ ୟୁନିଟ୍ ରକ୍ତ ଦେଇ ବଦଳରେ ସୁନୀତାଙ୍କ ପାଇଁ ଏ-ପଜିଟିଭ୍ ରକ୍ତ ଯୋଗାଡ଼ କରି ଦେଇଛନ୍ତି।

ସୂଚନା ଅନୁଯାୟୀ, ଏସ୍‌ସିବି ହେମାଟୋଲୋଜି ବିଭାଗରେ ସମ୍ବଲପୁର ଜିଲା ଚକଳିଆବାହଳ ଅଞ୍ଚଳର ସୁନୀତା ଗତ ଜୁନ୍ ୨୦ରୁ ଚିକିତ୍ସିତ ହେଉଛନ୍ତି। ଗତ ୩ ଦିନ ହେବ ସୁନୀତାଙ୍କୁ ରକ୍ତର ଆବଶ୍ୟକତା ଥିବା ଡାକ୍ତର କହିଥିଲେ। ଫଳରେ ସୁନୀତାଙ୍କ ମାଆବାପା ଏସ୍‌ସିବି ମେଡିକାଲ ରକ୍ତଭଣ୍ଡାରକୁ ଧାଉଁଥିବାବେଳେ ଡୋନର ନ ଥିବାରୁ ରକ୍ତ ନ ପାଇ ଫେରୁଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସୁନୀତାଙ୍କ ପାଇଁ ରକ୍ତ ଯୋଗାଡ ହୋଇଛି। ଏନେଇ ଇନ୍ଦ୍ରଜିତ କହିଛନ୍ତି, ଏସ୍‌ସିବି ମେଡିକାଲରେ ରକ୍ତ ସଙ୍କଟ ଦେଖାଦେବା ଦୁଃଖର ବିଷୟ। ରକ୍ତ ଯୋଗୁ କୌଣସି ରୋଗୀଙ୍କ ଚିକିତ୍ସା ଅଟକିବା ଠିକ୍ ନୁହେଁ। ଧରିତ୍ରୀରୁ ଏ ସମ୍ପର୍କରେ ଜାଣିବା ପରେ ସୁନୀତାଙ୍କ ପାଇଁ ରକ୍ତ ଯୋଗାଡ କରିଛି। ଆଗାମୀ ଦିନରେ ଆବଶ୍ୟକ ପଡିଲେ ରକ୍ତ ବଦଳ ପାଇଁ ଡୋନର ଯୋଗାଡ କରିବାରେ ସାହାଯ୍ୟ କରିବା ପାଇଁ ସୁନୀତାଙ୍କ ପରିବାର ସଦସ୍ୟଙ୍କୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏସ୍‌ସିବି ଭଳି ବିଶ୍ୱସ୍ତରୀୟ ମେଡିକାଲରେ ରକ୍ତ ପାଇଁ ଚିକିତ୍ସା ଅଧାରେ ଅଟକୁଛି ଏବଂ ମେଡିକାଲ କର୍ତ୍ତୃପକ୍ଷ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏହା ଲଜ୍ଜାଜନକ ବିଷୟ ବୋଲି ଇନ୍ଦ୍ରଜିତ୍ କହିଛନ୍ତି। ଅପରପକ୍ଷରେ ସୁନୀତାଙ୍କ ବାପା ଦୁର୍ଯ୍ୟୋଧନ ଖାରସେଲ୍ କହିଛନ୍ତି, ଝିଅର ରକ୍ତ ନିହାତି ଆବଶ୍ୟକ ଥିଲା। ବିପଦ ସମୟରେ ଉକ୍ତ ବ୍ୟକ୍ତି ସାହାଯ୍ୟ କରିଛନ୍ତି, ସେଥିପାଇଁ ତାଙ୍କ ନିକଟରେ ଚିରଋଣୀ ହୋଇ ରହିବି। ଏ ସମ୍ପର୍କିତ ଖବର ପ୍ରକାଶ କରିଥିବାରୁ ଧରିତ୍ରୀକୁ ଧନ୍ୟବାଦ ଜଣାଉଛି, ଯାହାଫଳରେ ମୋ ଝିଅର ଜୀବନ ବଞ୍ଚିପାରିଛି।

## ସଂକ୍ଷେପରେ

### ଶିଶୁ ମନ୍ଦିରରେ କଣ୍ଢେଇ ମେଳା

**ନାକଟିଦେଉଳ,୧୯।୭(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଶିଶୁ ବାଟିକା ବିଭାଗର କଣ୍ଢେଇ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ମାତୃ ଭାରତୀର ସଦସ୍ୟା ମୀନାକ୍ଷୀ ସ୍ୱାଇଁ ମା' ବାଗଦେବୀଙ୍କଠାରେ ଦୀପ ପ୍ରଜ୍ୱଳନ କରିଥିଲେ। ଶିଶୁ ବାଟିକା ବିଭାଗର ଆଚାର୍ଯ୍ୟା ମନସିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ବିରଞ୍ଚି ଶଙ୍କର ସାହୁ ଉପସ୍ଥିତ ଥିଲେ। ଶିଶୁ ବାଟିକା ବିଭାଗର ଶିଶୁ ପ୍ରାରମ୍ଭ ଓ ଶିଶୁ ବୋଧ ଶ୍ରେଣୀର ପିଲାଙ୍କ ଦ୍ୱାରା କଣ୍ଢେଇ ପ୍ରଦର୍ଶନ କରାଯାଇଥିଲା। ଅତିଥି ଭାବରେ ମାତୃ ଭାରତୀର ସଦସ୍ୟା ତପସ୍ୱିନୀ ବେହେରା, ମୀନାକ୍ଷୀ ସ୍ୱାଇଁ, ଆଚାର୍ଯ୍ୟା ମଧୁସ୍ମିତା ପ୍ରଧାନ, ଆଚାର୍ଯ୍ୟ ରଞ୍ଜନ ନାୟକ ଶିଶୁମାନଙ୍କର କଣ୍ଢେଇ ପରିଦର୍ଶନ ସହିତ ଉଦ୍‌ବୋଧନ ଦେଇଥିଲେ। ଶେଷରେ ଶିଶୁ ବାଟିକା ପ୍ରମୁଖ ବିଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ୬୦ଜଣ ଶିଶୁ କଣ୍ଢେଇ ମେଳାରେ ଅଂଶ ଗ୍ରହଣ କରିଥିଲେ। ଶିଶୁ ବାଟିକାର ଆଚାର୍ଯ୍ୟା ରୀତା ଡାକୁଆ ଓ ଅଲ୍ଲୀ ସ୍ୱାଇଁ ସହଯୋଗ କରିଥିଲେ।

### ଯୁଯୁମୁରା ପଞ୍ଚାୟତ ସମିତି ବୈଠକ

**ପଡ଼ିଆବାହାଲ,୧୯।୭(ରାଧାମୋହନ ଷଡ଼ଙ୍ଗୀ)**

ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ସମ୍ମିଳନୀ କକ୍ଷରେ ଶୁକ୍ରବାର ଯୁଯୁମୁରା ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ଯୁଯୁମୁରା ବ୍ଲକ ଅଧ୍ୟକ୍ଷା ମମତା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଶିକ୍ଷା, ପାନୀୟ ଜଳ, ସ୍ୱାସ୍ଥ୍ୟ, ଯୋଗାଣ, ସମନ୍ୱିତ ଶିଶୁ ବିକାଶ ଯୋଜନା, ବିଦ୍ୟୁତ୍, ସାମାଜିକ ସୁରକ୍ଷା, କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଖଟିଖିଆ ଦିନ ମଜୁରିଆଙ୍କ ଉପରେ ଆଲୋଚନା ହୋଇଥିଲା। ବୈଠକ ବିଡ଼ିଓ ବିଜୟ ସଏଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା ବେଳେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଜିଲା ପରିଷଦ ଉପ ସଭାପତି ମାଧବ ମିର୍ଦ୍ଧା, ଜିଲା ପରିଷଦ ସଭ୍ୟା କବିତା ସାହୁ, ଏବିଡିଓ ପ୍ରଜ୍ଞା ପାଣିଗ୍ରାହୀ, ସାଂସଦ ପ୍ରତିନିଧି ପ୍ରମୋଦ କୁମାର ମିଶ୍ର (ମୁନୁ ମିଶ୍ର), ବ୍ଲକ ଉପାଧ୍ୟକ୍ଷା ମନ୍ଦାକିନୀ ବିଶାଳ, ଯୁଯୁମୁରା ତହସିଲଦାର ସାଧୀନ ବେହେରା ସହିତ ପ୍ରାୟ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟାଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ସାନଭାଇଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ

**ସମ୍ବଲପୁର,୧୯।୭(ପ୍ରମୋଦ ବହିଦାର)**

**ବଡ଼ଭାଇ ଏସ୍‌ପିଙ୍କ ଦ୍ୱାରସ୍ଥ**

ଅଇଁଠାପାଲି ଥାନା ଅନ୍ତର୍ଗତ ଅମ୍ବିରାନଗରରେ ଗତ ୧୩ ତାରିଖରେ ଅମିତ ବହିଦାର ଆତ୍ମହତ୍ୟା ଘଟଣାକୁ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। ଅମିତଙ୍କ ବଡ଼ଭାଇ ଅଜିତ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତକରି ତାଙ୍କ ସାନଭାଇ ଆତ୍ମହତ୍ୟା କରିନାହିଁ, ବରଂ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ତେଣୁ ଏହାର ତଦନ୍ତ କରିବାକୁ ସେ ଲିଖିତଭାବେ ଦାବି କରିଛନ୍ତି। ଆରକ୍ଷୀ ଅଧିକ୍ଷକ ଘଟଣାର ତଦନ୍ତ କରାଯାଉଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସେହି ଅନୁସାରେ ଆବଶ୍ୟକ ଦିଗକୁ ନେଇ ମଧ ତଦନ୍ତ କରାଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ଅମିତଙ୍କ ବଡ଼ଭାଇ ଅଜିତ କହିଛନ୍ତି।

ଅଜିତଙ୍କ କହିବା ଅନୁସାରେ ଅମିତ ବିବାହିତ ହୋଇ ମଧ କିଛିମାସ ହେଲା ସେ ଜଣେ ମହିଳାଙ୍କ ସହିତ ଲିଭଇନ୍ ରିଲେସନରେ ଅମ୍ବିରାନଗରରେ ରହୁଥିଲେ। ଘଟଣାଦିନ ହଠାତ ଅମିତଙ୍କ ମୋବାଇଲ ନମ୍ବରରୁ ତାଙ୍କ ଧର୍ମପତ୍ନୀ ମାମୁନୀ ବହିଦାରଙ୍କ ମୋବାଇଲ ନମ୍ବରରେ ଏକ ଫୋନ ଆସିଥିଲା। ଏଥିରେ ଅମିତଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କ ଶବ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟରେ ଅଛି ବୋଲି ଫୋନ କରିଥିବା ବ୍ୟକ୍ତି କହିଥିଲେ। ଏହାବାଦ ଉକ୍ତ ମୋବାଇଲଟି ସୁଇଚ୍‌ଅଫ୍ ହୋଇ ଯାଇଥିଲା। ଖବର ପାଇ ପରିବାର ଲୋକ ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ମହିଳାଙ୍କ ସହିତ ଅନ୍ୟ ୪ ଜଣ ଯୁବକ ଉପସ୍ଥିତ ଥିଲେ। ପୋଲିସ ଉକ୍ତ ମହିଳାଙ୍କ ସହିତ ଯୁବକମାନଙ୍କୁ ଥାନାକୁ ଆଣି ପଚରା ଉଚରା ମଧ କରିଥିଲା। ପରେ ସେମାନଙ୍କୁ ଛାଡ଼ି ଦେଇଥିଲା। ଥାନାକୁ ଆସି ଅଜିତ ସେମାନଙ୍କ ବିଷୟରେ ପଚାରିଲା ବେଳେ ପୋଲିସ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ। ଅପରପକ୍ଷରେ ଉକ୍ତ ମହିଳା ବ୍ଲାକମେଲ୍ କରି ତାଙ୍କ ଠାରୁ ବହୁତ ଟଙ୍କା ନେଇଛନ୍ତି। ତାଙ୍କ କବଳରୁ ଯେକୌଣସି ପ୍ରକାର ଉଦ୍ଧାର କରିବାକୁ ତାଙ୍କ ନିକଟରେ ଅମିତ ନେହୁରା ହୋଇଥିଲେ ବୋଲି ତାଙ୍କର ଜଣେ ବନ୍ଧୁ ଅଜିତଙ୍କୁ କହିଥିଲେ ବୋଲି ସେ କହିଛନ୍ତି। ଅମିତ ପିନ୍ଧିଥିବା ସୁନାର ବଳା, ମୁଦି ଓ ଚେନ ମୃତ୍ୟୁବେଳକୁ ତାଙ୍କ ଦେହରେ ନ ଥିଲା। ତେଣୁ ତାଙ୍କୁ ଲୁଟ କରି ହତ୍ୟା କରାଯାଇଛି ବୋଲି ବଡ଼ଭାଇ ଅଜିତ ଅଭିଯୋଗ କରିଛନ୍ତି। ତେବେ ଆଗକୁ ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେଲା ପରେ ଘଟଣାଟି କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା।

# ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଯୁଯୁମୁରା ଗସ୍ତ



**ସମ୍ବଲପୁର,୧୯।୭(ଭବାନୀ ଶଙ୍କର ଭୋଇ)**

ବିରୋଧି ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଶୁକ୍ରବାର ଯୁଯୋମୁରା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି। ପ୍ରଥମେ ପ୍ରସନ୍ନ ଆଚାର୍ଯ୍ୟ ରେଢାଖୋଲ ବିଧାନସଭାରୁ ବିଜୟୀ ହେବା ପରେ ପ୍ରଥମ ଥର ଯୁଯୋମୁରା ପହଞ୍ଚିଥିଲେ। ପ୍ରଥମେ ସେ ସ୍ୱାଧୀନତା ସଂଗ୍ରାମୀ ମଧୁଗଡତିଆଙ୍କୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ପରେ ଯୁଯୋମୁରା ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ରେଢାଖୋଲ ଅଞ୍ଚଳର ଯୋଜନାବଦ୍ଧ ବିକାଶ ପାଇଁ କାର୍ଯ୍ୟକ୍ରମ ହାତକୁନିଆଯିବ ବୋଲିବିରୋଧୀ ଦଳର ଉପନେତା କହିଥିଲେ। ଏହା ପରେ ବୀର ସୁରେନ୍ଦ୍ର ସାଏ ମହାବିଦ୍ୟାଳୟଠାରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ମନୋଜ ହୋତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଅଧାପିକା ଅଧାପକମାନେ ସାମିଲ ହୋଇଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପ୍ରସନ୍ନ ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କ ଦାବି ଶୁଣିବା ପରେ ଆଗାମୀ ଦିନରେ ସେଗୁଡିକର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ରାଜ୍ୟସ୍ତରୀୟ ବାସ୍କେଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ସମ୍ବଲପୁର,୧୯।୭(ଭବାନୀଶଙ୍କର ଭୋଇ)**



ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ ଠାରେ ରାଜ୍ୟସ୍ତରୀୟ ବାସ୍କେଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ସମ୍ଭାଗର ସାତଟି କେନ୍ଦ୍ରୀୟ ବିଦ୍ୟାଳୟରୁ ବାଳକ ବିଭାଗରେ କେନ୍ଦ୍ରୀୟ ବିଦ୍ୟାଳୟ-୧ ସମ୍ବଲପୁର, କେନ୍ଦ୍ରୀୟ ବିଦ୍ୟାଳୟ ପୁରୀ, କେନ୍ଦ୍ରୀୟ ବିଦ୍ୟାଳୟ ଗୋପାଳପୁର, କେନ୍ଦ୍ରୀୟ ବିଦ୍ୟାଳୟ-୨ ଭୁବନେଶ୍ୱର, କେନ୍ଦ୍ରୀୟ ବିଦ୍ୟାଳୟ ବ୍ରହ୍ମପୁର, ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କଟକ, ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୪ ଭୁବନେଶ୍ୱରର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସେହିପରି ତିନୋଟି କେନ୍ଦ୍ରୀୟ ବିଦ୍ୟାଳୟରୁ ବାଳିକା ବିଭାଗରେ ବୁର୍ଲାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ ସମ୍ବଲପୁର, କେନ୍ଦ୍ରୀୟ ବିଦ୍ୟାଳୟ ପୁରୀ, କେନ୍ଦ୍ରୀୟ ବିଦ୍ୟାଳୟ ବ୍ରହ୍ମପୁର ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ଡେ଼ପୁଟି କଲେକ୍ଟର ଐଶ୍ୱର୍ଯ୍ୟା ପୃସେଠ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ-୧ ସମ୍ବଲପୁରର ପ୍ରଧାନ ଶିକ୍ଷକ ରଣରଞ୍ଜୟ ସିଂ ଅତିଥି ତଥା ଖେଳାଳିମାନଙ୍କୁ ସ୍ୱାଗତ ଜଣାଇଥିଲେ। ସେହିପରି ଶିକ୍ଷକ ପ୍ରମୋଦ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଉପାଚାର୍ଯ୍ୟ ବଳରାମ ମିଶ୍ର ତଥା ବିଦ୍ୟାଳୟର ପ୍ରଧାନ ଅଧାପକ ଚକ୍ରଧର ଦେହୁରୀ ମଞ୍ଚାସୀନ ଥିଲେ। ରାଜ୍ୟସ୍ତରୀୟ ବାସ୍କେଟବଲ ପ୍ରତିଯୋଗିତାକୁ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ସୁଶ୍ରୀ ସୋନାଳୀ କିସ୍ପଟା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ସୁଦାମ ଭୋଇ, ପଦ୍ମନାଭ ମିଶ୍ର, କୃଷ୍ଣଲାଲ ଯାଦବ, ନବକୃଷ୍ଣ ମିଶ୍ର, ପବନ କୁମାର ନଟିଆର ପ୍ରମୁଖ ସହଯୋଗ କରିଥିଲେ।

# ବିଓବିର ୧୧୭ତମ ପ୍ରତିଷ୍ଠା ଦିବସ ପାଳିତ

**ସମ୍ବଲପୁର,୧୯।୭(ବି.ଶଙ୍କର)**

ବ୍ୟାଙ୍କ ଅଫ ବରୋଦା ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ୧୧୭ତମ ପ୍ରତିଷ୍ଠା ଦିବସ ସମ୍ବଲପୁରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଏକ ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ନନ୍ଦୀ କ୍ଲିନିକର ସହଯୋଗରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଷେତ୍ରୀୟ କାର୍ଯ୍ୟାଳୟ ଓ ନିକଟସ୍ଥ ବ୍ୟାଙ୍କ ଶାଖାର ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇଥିଲେ।

# ପାନୀୟଜଳ, ଡ୍ରେନ୍ ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

**ସମ୍ବଲପୁର,୧୯।୭(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର ନିଗମ ଭତରା ଅଞ୍ଚଳବାସିନ୍ଦା ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବର୍ଷା ସମୟରେ ମଧ ଭତରା ଗାଁକୁ ସ୍ୱଚ୍ଛ ପାନୀୟଜଳ ପହଞ୍ଚି ପାରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଭତରାକୁ ମାଳତୀ ଯୋରରୁ ପାଇପଯୋଗେ ପାନୀୟ ଜଳ ଯୋଗାଣ କରାଯାଇଛି। ତେବେ ଠିକ ଭାବେ ଫିଲଟର କରାଯାଉ ନ ଥିବାରୁ କାଦୁଅ ପାଣି ଆସୁଥିବା ଅଞ୍ଚଳବାସୀ କହିଥିଲେ। ଏହାସହ ମହାନଗର ନିଗମର ଏକ ପ୍ରମୁଖ ଅଞ୍ଚଳ ହୋଇଥିବା ସତ୍ତ୍ୱେ ଅଞ୍ଚଳରେ ଡ୍ରେନେଜ ସମସ୍ୟା ଗୁରୁତର ରୂପ ନେଇଛି। ଏଭଳି ବିଭିନ୍ନ ସମସ୍ୟା ନେଇ ଅଞ୍ଚଳବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଅମୃତ ଯୋଜନାରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଭତରାବାସୀଙ୍କ ପାଇଁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ଦିଗରେ ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ଅଞ୍ଚଳର ମହିଳାମାନେ ଏକତ୍ରିତ ହୋଇ ଗୁହାରୀ କରିଛନ୍ତି।

# ମାନବିକ ମୂଲ୍ୟବୋଧ ପ୍ରଶିକ୍ଷଣ କର୍ମଶାଳା

**ସମ୍ବଲପୁର,୧୯।୭(ପ୍ରମୋଦ ବହିଦାର)**



ଭିସୁଟ୍‌ରେ ସାର୍ବତ୍ରିକ ମାନବିକ ମୂଲ୍ୟବୋଧ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟନୀ ଉତ୍ସବ।

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ସାର୍ବତ୍ରିକ ମାନବିକ ମୂଲ୍ୟବୋଧ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ କର୍ମଶାଳାର ତୃତୀୟ ସଂସ୍କରଣକୁ ଶୁକ୍ରବାର ଆନୁଷ୍ଠାନିକ ଭାବେ କୁଳପତି ପ୍ରଫେସର ବଂଶୀଧର ମାଝି ଓ କୁଳ ସଚିବ ପ୍ରଦୀପ ଡାଙ୍ଗ ଉଦ୍‌ଘାଟନ କରି କହିଲେ ଯେ, ସମ୍ପ୍ରତି ଶୈକ୍ଷିକ ସମାଜରେ ବିଶେଷକରି ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ମାନସିକ ମୂଲ୍ୟବୋଧ ଉପଯୋଗିତାର ଗୁରୁତ୍ୱ ରହିଛି। ପ୍ରଶିକ୍ଷଣ କର୍ମଶାଳା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ସିଭିଲ୍ ବିଭାଗ ଡିନ୍ ପ୍ରଫେସର ଗଣେଶ୍ୱର ନାଥ ସ୍ୱାଗତ ଅଭିଭାଷଣ ଜରିଆରେ କର୍ମଶାଳାର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ)ର ଆଞ୍ଚଳିକ ସଂଯୋଜକ ଓ ପ୍ରଶିକ୍ଷକ ପ୍ରଫେସର ଦିଲୀପ ଦେବନାଥ କର୍ମଶାଳର ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ଏଥିରେ ଯୋଗଦେଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଓ ଶିକ୍ଷକ ବୈଷୟିକ ଶିକ୍ଷାରେ ମାନବିକ ମୂଲ୍ୟବୋଧର ଅବତାରଣା କରି ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ବିଶ୍ୱବିଦ୍ୟାଳୟ ୟୁଏଚ୍‌ଭି ସେଲ୍‌ର ସଂଯୋଜକ ଡ. ସୁଧାଂଶୁ ରଞ୍ଜନ ଦାଶ, ସହକାରୀ ଡିନ୍ ଡ. ଅରବିନ୍ଦ ମହାନ୍ତି, ସଂଯୋଜିକା ଡ. ସଂଘମିତ୍ରା ଜେନାଙ୍କ ସହ ସମସ୍ତ ସଦସ୍ୟ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

**ସଂକ୍ଷେପରେ**

## ଅସ୍ଥାୟୀ ରାସ୍ତାରେ ଖାଲଖମା: ଲୋକେ ହଟହଟା



ଲୋଇସିଂହା,୧୯।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଲୋଇସିଂହା-ବୁର୍ଡା ମଝିରେ ଏକ ପୋଲ କାମ ଚାଲିଛି । ପୋଲର ପାର୍ଶ୍ୱ ଦେଇ ମୋରମ ପକାଇ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ ହୋଇଛି । ବର୍ଷାରେ ମୋରମ ଧୋଇ ଯାଇ ଛୋଟ ବଡ ଖାଲ ସୃଷ୍ଟି ହୋଇଛି । ସେଥିରେ ପାଣି ଜମି ରହିବା ଫଳରେ ଲୋକେ ଯାତାୟତ କରିବା ପାଇଁ ହଟହଟା ହେଉଛନ୍ତି । ଏନ୍‌ଏଚ ବିଭାଗ ଓ ଠିକାସଂସ୍ଥାର ବେପରୁଆ ମନୋଭାବ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ମାଛ ଜାଆଁଳା କେନ୍ଦ୍ର ନିକଟରେ ରହିଥିଲା ପୁରୁଣା ପୋଲ। ରାଜପଥ ପ୍ରଶସ୍ତିକରଣ ପରେ ଏହି ପୋଲ ସଂକୀର୍ଣ୍ଣ ହୋଇ ପଡିଥିଲା । ବହୁ ପୁରୁଣା ହୋଇଥିବାରୁ ପୋଲର ଅବସ୍ଥା ଶୋଚନୀୟ ହୋଇ ପଡିଥିଲା । ରାଜପଥର ଚଉଡା ଅନୁଯାୟୀ ଏହି ସ୍ଥାନରେ ନୂତନ ପୋଲ ନିର୍ମାଣ ହୋଇଛି । ପୋଲର ଛାତ ପଡି ସାରିଥିବା ବେଳେ ଆପ୍ରୋଚ ରାସ୍ତା କାମ ହୋଇନାହିଁ । ଏହି ରାସ୍ତା କାମ ସାରିବାକୁ ହେଲେ ଆହୁରି ଦୁଇ ସପ୍ତାହ ସମୟ ଲାଗିବ ବୋଲି ଆଲୋଚନା ହେଉଛି । ଏଣୁ ପୋଲ ନିର୍ମାଣାଧୀନ ରହିଥିବାରୁ ପୋଲର ପାର୍ଶ୍ୱ ଅସ୍ଥାୟୀ ରାସ୍ତାରେ ଯାନବାହାନ ଓ ଜନସାଧାରଣ ଯାତାୟତ କରୁଛନ୍ତି । ମୋରମ ରାସ୍ତା ହୋଇଥିବାରୁ ବର୍ଷା ହେଲେ କାଦୁଅ ସୃଷ୍ଟି ହେଉଛି । ଯଦି ପ୍ରବଳ ବର୍ଷା ହୁଏ ତେବେ ଅସ୍ଥାୟୀ ରାସ୍ତାର ଏକମାତ୍ର ହୋମ ପାଇପ ବସା ଯାଇଥିବାରୁ ରାସ୍ତା ବିଚ୍ଛିନ୍ନ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଏହି ରାସ୍ତା ଦେଇ ମନ୍ତ୍ରୀ ଠାରୁ ଆରମ୍ଭ କରି ଜିଲାସ୍ତରୀୟ ଅଧିକାରୀ ଯାତାୟତ କରୁଛନ୍ତି । ହେଲେ ତରବରିଆ ଭାବରେ ପୋଲ କାମ ସାରି ଦେଇଥିବାରୁ ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ମାଛମରାକୁ ନେଇ ଗାଁରେ ଉତ୍ତେଜନା, ପୋଲିସ ମୁତୟନ

ଦେଓଗାଁ,୧୯।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ଥାନାରେ ଉଭୟ ପକ୍ଷଙ୍କୁ ଡାକି ଉପଜିଲାପାଳ ଓ ଏସ୍‌ଡିପିଓ ଆଲୋଚନା କରି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ନିବେଦନ କରୁଛନ୍ତି ।

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ଗ୍ରାମରେ ମାଛ ମରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଚନ୍ଦ୍ରପୁରର ଚନ୍ଦ୍ର ସାଗର ବନ୍ଧରେ ମାଛମରାକୁ ନେଇ ଦୁଇଟି ଏସଏଚଜି ମହିଳା ଗୋଷ୍ଠୀ ମଧ୍ୟରେ ଝାମେଲା ଲାଗି ରହିଛି । ଏ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି । ବନ୍ଧ ନିଲାମକୁ ନେଇ ଗୋଟିଏ ଗୋଷ୍ଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଅନ୍ୟ ଗୋଷ୍ଠୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ଉପଯୁକ୍ତ ନ୍ୟାୟ ଦେବାକୁ ଦାବି କରିଥିଲେ। ଦେଓଗାଁ ପୋଲିସ ମାଛ ମାରିବା ପାଇଁ ଯିବାକୁ ବାରଣ କରିବା ସତ୍ତ୍ୱେ ଉଭୟ ଗୋଷ୍ଠୀ ମାଛ ମାରିବାକୁ ଝାମେଲା ସୃଷ୍ଟି ହୋଇଛି। ଏହାକୁ ନେଇ ବିବାଦ ଅଣାୟତ୍ତ ହେବାରୁ ଆଇନଶୃଙ୍ଖଳା ଦୃଷ୍ଟିରୁ ଗାଁରେ ପୋଲିସ ମୁତୟନ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଉପଜିଲାପାଳ ଆଲୋକ ପଧାନ, ଏସଡିପିଓ ପ୍ରଦିପ କୁମାର ସାହୁ, ଜିପିଓ ସେନାପତି ମଙ୍ଗରାଜ, ସରପଞ୍ଚ କୁଶମଣି ମେହେର ଓ ଆଇଆଇସି ହରିବନ୍ଧୁ ଗଡତ୍ୟାଙ୍କ ଉପସ୍ଥିତିରେ ଉଭୟ ଗୋଷ୍ଠୀଙ୍କୁ ଡକାଯାଇ ଥାନାରେ ଆଲୋଚନା ହୋଇଥିଲା। ଏହି ସମୟରେ ଉପଜିଲାପାଳ ବନ୍ଧ ନିଲାମ ପ୍ରକ୍ରିୟା ଓ ମାଛ ମରାକୁ ବନ୍ଦ କରିବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଉପ ଜିଲାପାଳ ବୈଠକରେ ଉଭୟ ଗୋଷ୍ଠୀଙ୍କୁ ମାଛ ମାରିବାକୁ ନ ଯିବାକୁ କଡା ତାଗିତ କରିଛନ୍ତି। ଯଦି ଏଥିରେ କେହି ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରୋକ୍‌ଠୋକ ଶୁଣାଇଛନ୍ତି। ପୁଣି ଥରେ ବୈଠକ କରି ଉଭୟ ପକ୍ଷ ସହ ଆଲୋଚନା ପରେ ନିଲାମ ନେଇ ନିଷ୍ପତ୍ତି ନିଆଯିବ। ସମସ୍ତେ ଶାନ୍ତିଶୃଙ୍ଖଳା ରକ୍ଷା କରି ରହିବାକୁ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ନିବେଦନ କରାଯାଇଛି। ଏ ସଂକ୍ରାନ୍ତରେ ଉପ ଜିଲାପାଳ ପଧାନଙ୍କୁ ପଚାରିବାରେ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ମାଛ ମରା ବନ୍ଦ ରହିବ। ଉଭୟ ପକ୍ଷ ସହ ଆଲୋଚନା ପରେ ପ୍ରଶାସନ ନିଷ୍ପତି ନେବ ବୋଲି ସେ କହିଥିଲେ।

**ମାଛ ମାରି ନ ଯିବାକୁ ଉପ ଜିଲାପାଳଙ୍କ ନିର୍ଦ୍ଦେଶ**

## ଜମି ବିବାଦ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ଟିଟିଲାଗଡ,୧୯।୭(ଶରତ ମିଶ୍ର)

ବଲାଙ୍ଗୀର ଜିଲା ସଇଁତଲା ତହସିଲ ଅନ୍ତର୍ଗତ ସଇଁତଲା ଗ୍ରାମରେ ଜମି ବିବାଦ ନେଇ ଏକ ପରିବାରର ତିନି ଭାଇ ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ନ୍ୟାୟ ଭିକ୍ଷା କରିଥିଲେ। ଧାରଣାରେ ବସିଥିବା ୩ ଭାଇ ହେଲେ ସଇଁତଲା ଗ୍ରାମର ଗୁଲଠୁ ସାହୁଙ୍କ ଝିଅ ତପସ୍ୱିନୀଙ୍କ ତିନି ପୁଅ ପ୍ରଦ୍ୟୁମ୍ନ, ଶ୍ୟାମକୁମାର ଓ ନାରାୟଣ। ସେମାନେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଅଜା ସ୍ୱର୍ଗତ ଗୁଲଠୁଙ୍କ ପ୍ରାୟ ୧୫ ଏକର ଜମି ସେମାନଙ୍କ ଦୁଇ ମାମୁଁ ନିଜ ନାମରେ କରାଇ ନେଇଛନ୍ତି। ଆଇନ ଅନୁଯାୟୀ ଅଜାଙ୍କ ସମ୍ପତ୍ତିରେ ତାଙ୍କ ମା'ଙ୍କ ଅନ୍ତେ ସେମାନଙ୍କ ହକ୍‌ଥିବା ବେଳେ ସେମାନଙ୍କୁ ନ୍ୟାୟରୁ ବଞ୍ଚିତ କରାଯାଇଛି । ଏନେଇ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଧାରଣା ଦେଇଥିଲେ। ଗତ କିଛି ଦିନ ତଳେ ସେମାନଙ୍କ ଦୁଇ ମାମୁଁ ନିଜ ନାମରେ ଜମି ପଟ୍ଟା କରାଇ ନେଇ ବିକ୍ରି କରି ଚାଲିଥିବା ଧାରଣାକାରୀମାନେ ଅଭିଯୋଗ କରିଛନ୍ତି। ଧାରଣା ଦେବା ଖବର ପାଇ ଟିଟିଲାଗଡ ସହାୟକ ଜିଲାପାଳ ସନ୍ଦୀପ ଚନ୍ଦ୍ରାକର ତଥା ଟିଟିଲାଗଡ ଥାନା ସବ୍‌ଇନ୍ସପେକ୍ଟର ପ୍ରଦୀପ ଦୁରିଆ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଉପଜିଲାପାଳ ରେହାନ ଖତ୍ରୀ ମଧ୍ୟ ପହଞ୍ଚି ତିନି ଭାଇଙ୍କ ସହ ଆଲୋଚନା କରି ନ୍ୟାୟ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଓହରି ଯାଇଥିଲେ। ସୂଚନାଯୋଗ୍ୟ, ତିନି ଭାଇ ସଇଁତଲା ଗ୍ରାମରେ ରୁହନ୍ତି।

## ମୁଖ୍ୟମନ୍ତ୍ରୀ ବସ୍ ସେବା ଗାଡ଼ିକୁ ଆକ୍ରମଣ



ମୁଖ୍ୟମନ୍ତ୍ରୀ ବସ୍ ସେବା କର୍ମଚାରୀଙ୍କୁ ଆକ୍ରମଣ କରିବାରୁ ଥାନାର ଦ୍ୱାରସ୍ଥ ।

ଦେଓଗାଁ,୧୯।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଧୀନ ପିପଲପଦର ଗ୍ରାମରେ ମୁଖ୍ୟମନ୍ତ୍ରୀ ବସ ସେବା ଗାଡ଼ିକୁ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଏହି ଘଟଣାରେ ପିପଲପଦର ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ପ୍ରକାଶ ଯେ, ଉକ୍ତ ବସ୍ ରାମଚନ୍ଦ୍ରପୁରରୁ ଭୁଡିଆରବାହାଲ ଭାୟା ଲଣ୍ଡାପଥର ଦେଇ ଦେଓଗାଁ ବସଷ୍ଟାଣ୍ଡରେ ପହଞ୍ଚି ଥାଏ। ମାତ୍ର ଭୁଡିଆରବାହାଲ ନିକଟ ପିପଲପଦର ଛକରେ ଦୁର୍ବୃତ୍ତମାନେ ସେମାନଙ୍କୁ ଗାଡି ଚପାଇ ଦେଇଥାନ୍ତା ବୋଲି ଅଭିଯୋଗ କରି ବସ ଅଟକାଇ କର୍ମଚାରୀଙ୍କୁ ମାଡ ମାରିବା ସହ ବସ୍‌କୁ କାଠ ଫାଳିଆରେ ପିଟିଥିଲେ। ଏ ନେଇ ବସର କଣ୍ଡକ୍ଟର ପରିକ୍ଷିତ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣକାରୀମାନେ ବସର ଡ୍ରାଇଭର ସିଟ୍ ପାଖର ପାର୍ଶ୍ୱ ଦର୍ପଣ ଓ ବସ ସମ୍ମୁଖକୁ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଦେଓଗାଁରେ ମୁଖ୍ୟମନ୍ତ୍ରୀଙ୍କ ବସ୍ ସେବା ବନ୍ଦ ରହିଛି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଘଟଣାରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି।

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ମୃତଦେହ ରଖି ରାସ୍ତା ଅବରୋଧ କରାଯାଇଛି।

ଖପ୍ରାଖୋଲ,୧୯।୭(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ବୈଜଲସାଗର ଗାଁ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ସାଇକେଲରେ ଯାଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାକୁ ନେଇ ପରିବାର ଲୋକ ଓ ଗ୍ରାମବାସୀ ଉପଯୁକ୍ତ କ୍ଷତିପୂରଣ ଦାବିରେ ମୃତଦେହ ରଖି ଶୁକ୍ରବାର ମଧ୍ୟାହ୍ନରେ ଖପ୍ରାଖୋଲ ପାଟଣାଗଡ ରାସ୍ତାର ବୈଜଲସାଗର ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ଠପ୍ ହୋଇ ଯାଇଥିଲା। ଖବରପାଇ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଦୀର୍ଘ ଦୁଇ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶ ଯେ, ପିକ୍‌ଅପ ଭ୍ୟାନ୍ ଧକ୍କାରେ ବୈଜଲସାଗର ଗାଁର ବେଣୁଧର ବରିହା (୫୪)ଙ୍କ ମୃତ୍ୟୁ ଘଟିଥିଲା। ଖପ୍ରାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ କରିବା ସହ ଡ୍ରାଇଭର କେଶବ ପଟେଲ (୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏନେଇ ଖପ୍ରାଖୋଲ ଥାନାରେ ନଂ ୧୭୧/୨୪ରେ ଏକ ମାମଲା ରୁଜୁ ହୋଇଛି।

**ପିକଅପ୍ ଭ୍ୟାନ୍ ଧକ୍କାରେ ସାଇକେଲ ଆରୋହୀ ମୃତ୍ୟୁ ଘଟଣା**

## କାର-ବାଇକ୍ ଧକ୍କା: ଜଣେ ମୃତ

ବେଲପଡା,୧୯।୭ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଅନ୍ତର୍ଗତ ବେଲପଡା ହରିଶଙ୍କର ରାସ୍ତାର କନ୍ଧେନଝୁଲା ଛକ ନିକଟରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ ଟାରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରତର ହୋଇ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ବାଗଦୋର ଗାଁର ରୋହିତ ତାଣ୍ଡି। ଗୁରତର ଯୁବକ ହେଲେ କଂସାପାଲା ଗାଁର ଗଣେଶ ମଲ୍ଲିକ ଏବଂ ବିଛଲିବାହାଲ ଗାଁର ଭୁବନେ କୁମ୍ଭାର ବୋଲି ଜଣାପଡିଛି। ଏହି ୩ ଜଣ ଯୁବକ ଏକ ବାଇକ୍ ଯୋଗେ ଗମ୍ଭୀର ଗ୍ରାମରୁ ବେଲପଡା ଅଭିମୁଖେ ଆସୁଥିଲେ। ଏହି ସମୟରେ କନ୍ଧେନଝୁଲା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା କାର୍ ସହ ବାଇକ୍‌ର ଧକ୍କା ହୋଇଥିଲା। ଆହତ ଦୁଇ ଯୁବକଙ୍କୁ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ରୋହିତଙ୍କ ମୃତଦେହ ଜବତ କରିଛି ।

## କଣ୍ଟାବାଞ୍ଜି ବିଧାୟକଙ୍କୁ ସମ୍ବର୍ଦ୍ଧନା



କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ସାମ୍ବାଦିକମାନେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

କଣ୍ଟାବାଞ୍ଜି,୧୯।୭(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ତାଙ୍କ ଫାର୍ମ ହାଉସଠାରେ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକମାନଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ନିକଟରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା, ସିନ୍ଧେକେଲା, ମୁରିବାହାଲ ଓ କଣ୍ଟାବାଞ୍ଜି ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକମାନେ ବିଧାୟକ ବାଗଙ୍କୁ ଉପଢୌକନ ଓ ପୁଷ୍ପତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବିଧାୟକ କହିଥିଲେ, ସାମ୍ବାଦିକମାନେ ବିଭିନ୍ନ ସମସ୍ୟା ଲୋକଲୋଚନକୁ ଆଣିଲେ ସମାଧାନର ରାସ୍ତା ଫିଟି ପାରିବ। ବିଧାୟକ ଆଲୋଚନା ମାଧ୍ୟମରେ ବିଭିନ୍ନ ସମସ୍ୟା ନେଇ ନିଜର ମତ ପ୍ରକାଶ କରିଥିବାରୁ ସାମ୍ବାଦିକମାନେ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଧାୟକ ବାଗଙ୍କୁ ବରିଷ୍ଠ ସାମ୍ବାଦିକ ଅଶୋକ ନାରାୟଣ ଖମାରୀ, ରଶ୍ମିରଞ୍ଜନ ପଟେଲ, ଅନ୍ତିମ ପାଣିଗ୍ରାହୀ, ଅନିଲ ଖମାରୀ, ଦୁର୍ଗାନନ୍ଦ ମହାଖୁଡ, ଅନିଲ ତ୍ରିପାଠୀ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ । ତୁଳସୀ ଜଗତ ମଞ୍ଚ ପରିଚାଳନା କରିଥିଲେ।

## ନବୋଦୟ ବିଦ୍ୟାଳୟରେ ଜିଲାସ୍ତରୀୟ ପ୍ରେରଣା ଉତ୍ସବ

ବେଲପଡା,୧୯।୭(ମନୋଜ କୁମାର ମିଶ୍ର)

ଶୁକ୍ରବାର ବଲାଙ୍ଗୀର ଜିଲା ବେଲପଡ଼ା ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରାୟୋଜିତ ଜିଲାସ୍ତରୀୟ ୨୦୨୪ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରାମନାରାୟଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର,ସମ୍ମାନିତ ଅତିଥି ଭାବେ ସୁଦାମ ଚରଣ ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନବୋଦୟ ବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପକ ଡ. ହିତେଶ କୁମାର ମିଶ୍ର ଓ ଓଡ଼ିଆ ବିଭାଗ ଅଧ୍ୟାପିକା ମଞ୍ଜୁଶ୍ରୀ ବେହେରା ପରିଚାଳନା କରିଥିଲେ। ଅଧ୍ୟାପକ ଚିନ୍ମୟ ଦାସ ଧନ୍ୟବାଦ ଦେଇଥିଲେ।

## କୁତୁର୍ଲା କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




ବୃକ୍ଷରୋପଣ କାର୍ଯ୍ୟକ୍ରମ ।

ଦେଓଗାଁ,୧୯।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ଧ୍ରୁବା ଆନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଇକୋ କ୍ଲବ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ସଭାପତିତ୍ୱରେ ଓ ଅଧ୍ୟାପକ ବିଜୟ କୁମାର ଜାଲଙ୍କ ପରିଚାଳନାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ସଇଁନ୍ତଲା ରେଞ୍ଜି ଅନ୍ତର୍ଗତ କନ୍ଧକେଲଗାଁ ବିଟ୍‌ର ଫରେଷ୍ଟର ଶୁଶିଲ ପୁଟା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜଙ୍ଗଲ ସୁରକ୍ଷା ଉପରେ ଅବଗତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କଲେଜ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ଜଙ୍ଗଲ ବିଭାଗ ତରଫରୁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଓ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ବଳରାମ ପଧାନ, ହେମନ୍ତ କୁମାର ସାହୁ, ମଙ୍ଗଲ ସାହୁ, ସରୋଜ କୁମାର ନାୟକ, ଗୌରାଙ୍ଗ ବେମାଲଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ମ୍ୟାଲେରିଆ, ଡେଙ୍ଗୁ ଓ ଝାଡ଼ାବାନ୍ତି ସଚେତନତା କାର୍ଯ୍ୟକ୍ରମ



ଆଟଗାଁ ୟୁପି ସ୍କୁଲରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି ।

ବଲାଙ୍ଗୀର,୧୯।୭(ବୀରେନ୍ଦ୍ର କୁମାର ଝାଙ୍କର)

ପୁଇଁତଲା ବ୍ଲକ ଅନ୍ତର୍ଗତ ଆଟଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ମ୍ୟାଲେରିଆ, ଡେଙ୍ଗୁ ଓ ଝାଡ଼ାବାନ୍ତି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁଇଁତଲା ବ୍ଲକ ଅନ୍ତର୍ଗତ ଜାମଗାଁ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ ଅଧିକାରୀ ଆନନ୍ଦ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମ୍ୟାଲେରିଆ, ଡେଙ୍ଗୁ ଓ ଡ଼ାଇରିଆ ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରଶ୍ମିମୟୀ ବାରିକ, ଆଶାକର୍ମୀ ମଥାମନୀ ମହାଲିଙ୍ଗ, କାଞ୍ଚନ ପୁଟେଲ ଯୋଗ ଦେଇଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ସନାତନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଜଙ୍ଗଲ ବଞ୍ଚାଇବାକୁ ଶପଥ ନେଲେ ଗ୍ରାମବାସୀ

ବଲାଙ୍ଗୀର,୧୯।୭(ବୀରେନ୍ଦ୍ର କୁମାର ଝାଙ୍କର)



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀ।

ବଲାଙ୍ଗୀର ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ସଦର ବ୍ଲକ ଅନ୍ତର୍ଗତ ବୈଦିପାଲି ଗ୍ରାମ ପଞ୍ଚାୟତର ଘୁଷୁରାଡୁଙ୍ଗୁରି ଗାଁରେ ଗୋଷ୍ଠୀ ଜଙ୍ଗଲ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗାଁ ଲୋକେ ଜଙ୍ଗଲ ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ। ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଆବାହକ ପ୍ରକୃତିବନ୍ଧୁ ସୁନୀଲ କୁମାର ମହାନ୍ତିଙ୍କ ଆବାହକତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ଜଙ୍ଗଲ ପରିଚାଳନା ଫୋରମ୍‌ର ଆବାହକ କୁଳମଣି ସାହୁ, ଲୋୟର ସୁକ୍‌ତେଲ ବୁଡି ଅଞ୍ଚଳ ସଂଗ୍ରାମୀ ପରିଷଦ ସମ୍ପାଦକ ସତ୍ୟ ବନ୍‌ଛୋର, ତାଲଝରନ୍ ଗାଁର ଗୌନ୍ତିଆ ଶଙ୍କର୍ଷଣ ସାଏ ଓ ତ୍ରିଲୋଚନ ପାତ୍ର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଗାଁର ମହିଳା ଓ ପୁରୁଷମାନେ ସମ୍ମିଳିତ ଉଦ୍ୟମ କରି ଜଙ୍ଗଲ ସୃଷ୍ଟି କରିବାକୁ ବ୍ରତୀ ବୋଲି କହିଥିଲେ। ସେମାନେ ଦୀର୍ଘବର୍ଷ ହେଲା ଜଙ୍ଗଲ ସୁରକ୍ଷା କରିଆସୁଛନ୍ତି। ଆଗକୁ ମଧ୍ୟ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଥିଲେ। ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଓ କାଠମାଫିଆଙ୍କ ପ୍ରାଦୁର୍ଭାବକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅତିଥି ବନ୍‌ଛୋର ବୃକ୍ଷକୁ କିଭଳି ଆମେ ଆବହମାନ କାଳରୁ ପୂଜା କରି ଆସୁଛୁ କହିଥିଲେ। ଅନ୍ୟତମ ଅତିଥି ସାହୁ ଗୋଷ୍ଠୀ ଜଙ୍ଗଲ ପରିଚାଳନା ଅଧିକାର ଏବଂ ଏଥିରେ ଗ୍ରାମବାସୀଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଏହି ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଘୁଷୁରାଡୁଙ୍ଗୁରୀ ଗାଁର ଗୋପାଳ ମାଝି, ଲକ୍ଷ୍ମୀପ୍ରସାଦ ସା, କୁଶ ବିଶି, ଚୁଡାମଣି ସା, ଖୁଣ୍ଟୁ ଅଦାବରିଆ, ସାତ୍ୱିକ ମିର୍ଦ୍ଧା, ବନମାଳୀ ନାଏକେ, ଅନନ୍ତ ମିର୍ଦ୍ଧା, ସୁବୋଧ ମାଝି, ଶକୁନ୍ତଳା ସା, ସବିତା ମିର୍ଦ୍ଧା, ଉର୍ବସିନୀ ବଢ଼େଇ, ଜାମା ମାଝି, ସୁକୁନି ଗିଦିଲି, ଇନ୍ଦୁମତି କର୍ଲି, ଗୁରୁବାରୀ ମିର୍ଦ୍ଧା, ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ପରିବେଶ ସଚେତନତା କାର୍ଯ୍ୟକ୍ରମ**

# ଠେଙ୍ଗୋ ଡ୍ୟାମ୍‌ରେ ଆବଶ୍ୟକତାଠାରୁ କମ୍ ପାଣି

- ସପ୍ତାହେ ମଧ୍ୟରେ ଖୋଲିବ ଡ୍ୟାମର କେନାଲ
- ୧୦ ରୁ ୧୫ ଦିନ ପାଇଁ ହୋଇପାରିବ ଜଳସେଚନ
- ଆଶା ଆଶଙ୍କାରେ ଚାଷୀ

**ଅମରପାଲି,୧୯।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଏକ କୃଷି ପ୍ରଧାନ ଅଞ୍ଚଳ। ସାଧାରଣତଃ ଏହି ଅଞ୍ଚଳର ଚାଷୀ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାନ୍ତି। ଉକ୍ତ ଅଞ୍ଚଳର ଉପାନ୍ତ ଦୁର୍ଜନଟୈଲା ପଞ୍ଚାୟତରେ ଅଛି ହରିହର ଯୋର ମଧ୍ୟମ ଜଳ ସେଚନ ପ୍ରକଳ୍ପ(ଠେଙ୍ଗୋ ଡ୍ୟାମ)। ଏହି ପ୍ରକଳ୍ପରୁ ବାହାରି ଥିବା ଏକମାତ୍ର କେନାଲରୁ ଅଞ୍ଚଳର ଲୋକେ ଜଳସେଚନ କରିଥାନ୍ତି। ବିଭିନ୍ନ ସ୍ଥାନରେ ଥିବା ଉଠାଜଳସେଚନ ଗୁଡିକରୁ ଅଧିକାଂଶ ଅଚଳ ହୋଇ ପଡିଛି। ତେଣୁ ଚାଷୀଙ୍କ ଜଳସେଚନ ଠିକରେ ହୋଇ ପାରୁ ନ ଥିବା ଅଧିକାଂଶ ସମୟରେ ଅଭିଯୋଗ ହୋଇଥାଏ ।ଠେଙ୍ଗୋ ଡ୍ୟାମ ପ୍ରକଳ୍ପ ଜଳ ସେଚନର ଏକ ମାତ୍ର ସୁଯୋଗ ଥିବା ବେଳେ ଏଥିରୁ ଯାଉଥିବା ପାଣି ସମସ୍ତ ଚାଷୀଙ୍କୁ ସମୁଦ୍ରକୁ ଶଙ୍ଖେ। ତେଣୁ ଏହି ପ୍ରକଳ୍ପକୁ ଆଶା କରିବା ଚାଷ ପାଇଁ ଉପଯୁକ୍ତ ହୋଇ ନ ଥାଏ। ଚଳିତବର୍ଷ ଆବଶ୍ୟକଠାରୁ କମ ବର୍ଷା ଯୋଗୁ ବୀରମହାରାଜପୁର ଅଞ୍ଚଳରେ ଚାଷ କାର୍ଯ୍ୟ ବହୁତ ବିଳମ୍ବ ହୋଇପଡିଲାଣି ।ଏହି ଅଞ୍ଚଳର ଚାଷୀ ଚଳିତ ବର୍ଷ ପେକ୍ସ ଓ ସରକାରୀ ସ୍ୱିକୃତିପ୍ରାପ୍ତ ବିହନ ବିକ୍ରୟ କେନ୍ଦ୍ର ରୁ ବିଭିନ୍ନ କିସମର ଧାନ ବିହନ କିଣିଥିଲେ। ଉକ୍ତ ବିହନକୁ ଚାଷ କରିବା ପାଇଁ ନିଜ ଜମିରେ ଧାନ ବିହନ ବୁଣିବା ସହିତ ତଳି ମଧ୍ୟ ପକାଇ ଥିଲେ ଚାଷୀ। ମାତ୍ର ନିମ୍ନମାନର ବିହନ ଯୋଗୁଁ ଅଧିକାଂଶ ସ୍ଥାନରେ ଧାନ ବିହନ ଗଜା ମଧ୍ୟ ହୋଇ ପାରି ନ ଥିଲା। ତେଣୁ ଚାଷୀ ବାଧ୍ୟ ହୋଇ ପୁଣି ଥରେ ବିହନ ବୁଣିବା ସହିତ ତଳି ମଧ୍ୟ ପକାଇ ଥିଲେ। ଧାନ ଗଛ ଏବେ ବିହୁଡିବାକୁ ହୋଇଗଲାଣି। ମାତ୍ର ବର୍ଷା ହେଉ ନ ଥିବାରୁ ଚାଷୀ ବିହୁଡି ମଧ୍ୟ ପାରୁ ନାହିଁ। କମ ବର୍ଷା ଯୋଗୁ ଅନେକ ଚାଷୀ ଏଯାଏ ତଳି ମଧ୍ୟ ପକାଇ ନାହାନ୍ତି। ଠେଙ୍ଗୋ ଡ୍ୟାମର କେନାଲ ପାଣି ଉପରେ ନିର୍ଭର କରୁଥିବା ଚାଷୀ କେବେ ଉକ୍ତ ପ୍ରକଳ୍ପର କେନାଲ ଖୋଲିବ ସେହି ଆଶାରେ ଅଛନ୍ତି। ହରିହର ଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ (ଠେଙ୍ଗୋ ଡ୍ୟାମ)ରେ ଜଳ ଧାରଣା କ୍ଷମତା ୧୪୭.୫ ମିଟର ହୋଇଥିବା ବେଳେ ଶୁକ୍ରବାର ସୁଦ୍ଧା ୧୪୨.୪୩ ମିଟର ପାଣି ରହିଛି। ଉପର ମୁଣ୍ଡରେ ବର୍ଷା ହେଉ ନ ଥିବାରୁ ଡ୍ୟାମକୁ ପାଣି ଆସୁ ନାହିଁ। ଫଳରେ ଡ୍ୟାମର ଜଳସ୍ତର ଯେଉଁ ପରିମାଣରେ ବୃଦ୍ଧି ହେବାର କଥା ହୋଇ ପାରୁ ନାହିଁ। ଡ୍ୟାମ ପାଣି ପରିଚାଳନା ଗତ ତ୍ରୁଟି ଯୋଗୁ ଡ୍ୟାମରେ ପାଣି ରହୁ ନାହିଁ। ଡ୍ୟାମରେ ଏବେ ପାଣି ନାହିଁ। ଯେତେ ପାଣି ଅଛି, କେନାଲରେ ଜଳସେଚନ ହୋଇପାରିବ ନାହିଁ ବୋଲି ଚାଷୀନେତା ରାଜେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଏବେ ରୁଆ ବିହୁଡା ପାଇଁ ଚାଷୀ ତରତର ହେଉଥିବା ବେଳେ ଶୀଘ୍ର କେନାଲ ଖୋଲି ଜଳ ସେଚନ କରିବାକୁ ଦାବି କରୁଛନ୍ତି। ଖରିଫ ଚାଷ ପାଇଁ ସରକାରୀ ଭାବେ ଉକ୍ତ ଡ୍ୟାମରୁ ଉଭୟ ବୀରମହାରାଜପୁର ଓ ଉଲୁଣ୍ଡା ତହସିଲର ପ୍ରାୟ ୯ ହଜାର ୪୫୦ ହେକ୍ଟର ଚାଷ ଜମି ଜଳ ସେଚିତ ଅଟେ । ମାତ୍ର ଏବେ ଚାଷୀମାନେ ଅଞ୍ଚଳର ଜଙ୍ଗଲ ଜମିକୁ ଚାଷ ଜମିରେ ପରିଣତ କରି ଚାଷ କରୁଛନ୍ତି। ତେଣୁ ଏହି ପ୍ରକଳ୍ପରୁ ଜଳ ସେଚନ କଲେ ତଳ ମୁଣ୍ଡକୁ କେନାଲ ପାଣି ଯାଇପାରୁ ନାହିଁ। ଜଳ ସେଚନ ବିଭାଗୀୟ ସହକାରୀ ଯନ୍ତ୍ରୀ କ୍ରିଷ୍ଣା ଜେନାଙ୍କୁ ଯୋଗାଯୋଗ କରିବାରୁ ଆସନ୍ତା ସପ୍ତାହରେ ଠେଙ୍ଗୋ ଡ୍ୟାମ ପ୍ରକଳ୍ପରୁ କେନାଲରେ ଚାଷୀଙ୍କ ପାଇଁ ପାଣି ଛଡାଯିବ ବୋଲି ପ୍ରକାଶ କରିଛନ୍ତି। ଏପର୍ଯ୍ୟନ୍ତ ଠିକରେ ବର୍ଷା ନ ହେବାରୁ ଡ୍ୟାମକୁ ପାଣି ଆସି ପାରୁ ନାହିଁ । ଡ୍ୟାମରେ ଜଳ ସ୍ତର ବୃଦ୍ଧି ପାଇଁ ଆମେ ବର୍ଷାକୁ ଦେଖୁଛୁ । ଯଦି ବର୍ଷା ଠିକ୍‌ରେ ନ ହେବ ତେବେ କେନାଲରେ ମାତ୍ର ୧୦ ରୁ ୧୫ ଦିନ ପର୍ଯ୍ୟନ୍ତ ଜଳ ସେଚନ ହୋଇ ପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହା ସହିତ କେନାଲର ଯାଲୋଏ, ଗରଗଡବହାଲ ନିକଟରେ କେନାଲ କାମ ହେଉଛି ବୋଲି ମଧ୍ୟ ପ୍ରକାଶ କରିଥିଲେ। ତେବେ ଏଯାଏ କେନାଲ କାମ ସମ୍ପୂର୍ଣ୍ଣ ନ ହେବା ଯୋଗୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି।


ହରିହର ଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ(ଠେଙ୍ଗୋ ଡ୍ୟାମ)।

# ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ଶ୍ରୀମନ୍ଦିର ବିଜେ


ମହାପ୍ରଭୁଙ୍କୁ ପାହାଡ଼ ପାଦଦେଶରୁ ଗୋଟି ପହଣ୍ଡିରେ ଶ୍ରୀମନ୍ଦିର ଅଭିମୁଖେ ନିଆଯାଉଛି।

**ସୋନପୁର,୧୯।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର ଠାରେ ଶ୍ରୀଜୀଉଙ୍କ ନିଳାଦ୍ରୀ ବିଜେ ତଥା ଶ୍ରୀମନ୍ଦିର ବିଜେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କୁ ରଥରୁ ଓହ୍ଲାଇ ଛଲିଆ ପାହାଡ଼ ପାଦଦେଶରୁ ଶ୍ରୀମନ୍ଦିର ଅଭିମୁଖେ ଗୋଟି ପହଣ୍ଡିରେ ନିଆଯାଇଥିଲା। ବାହୁଡା ପରେ ମହାପ୍ରଭୁ ରଥାରୂଢ଼ରେ ଦୁଇଦିନ ଧରି ରହିଥିଲେ। ବୁଧବାର ସୁନାବେଶ ଓ ଗୁରୁବାର ଅଧରପଣା ନୀତି ସମ୍ପନ୍ନ ହୋଇଥିଲା। ଶୁକ୍ରବାର ଅପରାହ୍ନ ୩ଟାରେ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡିରେ ସେବାୟତଙ୍କ ଦ୍ୱାରା ଶ୍ରୀମନ୍ଦିର ଅଭିମୁଖେ ନିଆଯାଇଥିଲା। ଶ୍ରୀଜୀଉଙ୍କୁ ରସଗୋଲା ଭୋଗ, ରତ୍ନ ସିଂହାସନ ବିଜେ ଆଦି ନୀତି କରାଯାଇଥିଲା। ପରେ ଶ୍ରୀଜୀଉଙ୍କୁ ମନ୍ଦିର ସମ୍ମୁଖରେ ସନ୍ଧ୍ୟା ଆଳତୀ ଦିଆଯାଇଥିଲା। ଗାଁର ଗଡତ୍ୟା ଚମରା ଅମାତ ଛେରାପହଁରା ନୀତି କରିଥିଲେ। ସୁବଳୟା ନାମ ସଂକୀର୍ତ୍ତନ ତରଫରୁ ନାମ ସଂକୀର୍ତ୍ତନ କରାଯାଇଥିଲା। ଏହି ଅବସରରେ ହଜାର ହଜାର ଭକ୍ତ ଶ୍ରୀଜୀଉଙ୍କ ପ୍ରଭୁକୃପା ସାଉଁଟିବା ପାଇଁ ଧାଇଁ ଆସିଥିଲେ।

## ସଂକ୍ଷେପରେ

### ବାଦୀକଟା ବାଳକୃଷ୍ଣ ମହାକୁଡ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମୃତକଙ୍କ ପରିବାର

**ବାଉଁଶୁଣୀ,୧୯।୭(ଦେବାଶିଷ ନେପାକ)**

ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ବାଦୀକଟା ଗ୍ରାମର ବାଳକୃଷ୍ଣ ମହାକୁଡ ହତ୍ୟାକାଣ୍ଡର ପର୍ଦ୍ଦାଫାସ ପାଇଁ ଶୁକ୍ରବାର ବୌଦ୍ଧ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୃତକଙ୍କ ପରିବାର। ଗତ ମେ ମାସ ୩୧ ତାରିଖ ଦିନ ରାତିରେ ବାଦୀକଟା ଗ୍ରାମର ବାଳକୃଷ୍ଣ ମହାକୁଡଙ୍କୁ ପେଟରେ ଛୁରୀ ଭୁଷି ବିଭତ୍ସ ଭାବରେ ହତ୍ୟା କରି ଟଙ୍କା ଓ ସୁନା ଆଦି ମୂଲ୍ୟବାନ ସାମଗ୍ରୀ ଦୁର୍ବୃତ୍ତ ମାନେ ନେଇ ଯାଇଥିଲେ। ବାଳକୃଷ୍ଣଙ୍କୁ ପ୍ରଥମେ ବାଉଁଶୁଣୀ ତାପରେ ସୋନପୁର ଓ ଶେଷରେ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରା ଯାଇଥିବା ବେଳେ ସେ ମୃତ୍ୟୁବରଣ କରିଥିଲେ। ପ୍ରାୟ ଦେଢ ମାସ ବିତି ଯାଇଥିଲେ ମଧ୍ୟ ବାଉଁଶୁଣୀ ପୋଲିସ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିପାରି ନାହିଁ। ତେଣୁ ଶୀଘ୍ର ଦୋଷୀକୁ ଧରି ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଧବା ପତ୍ନୀ ଓ ପୁଅ, ୯୦ ବର୍ଷୀୟା ବୃଦ୍ଧା ମା ଓ ଭାଇ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ଟ୍ରାଫିକ୍ ସମସ୍ୟାର ସୁଧାର ପାଇଁ ଦାବି

**ସୋନପୁର,୧୯।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରର ଟ୍ରାଫିକ୍ ସମସ୍ୟା ଉଦବେଗଜନକ ସ୍ଥିତିରେ ରହିଛି। ମାତ୍ର ଏଥିରେ ସୁଧାର ଅଣାଯାଉନି। ଚାଷୀ ନେତ୍ରୀ ତଥା ଗତ ନିର୍ବାଚନରେ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟିକା ପ୍ରାର୍ଥୀ ସୋନାଲି ବିଶି ଏଥିପାଇଁ ଅଣ୍ଟା ଭିଡିଛନ୍ତି। ସୋନାଲି ସହରର ବିଭିନ୍ନ ସମସ୍ୟା ନେଇ ଏସ୍‌ପି ଯଶପ୍ରତାପ ଶ୍ରୀମାଲ ଓ ସୋନପୁର ଆଇଆଇସି ରମେଶ ମାହାନାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ବ୍ଲକ ଛକରୁ ଆମ୍ବେଡକର ଛକ ମଝିରେ ପାର୍କିଂ ବ୍ୟବସ୍ଥା, ପଞ୍ଚରଥ ମନ୍ଦିର ଓ ବଡବଜାର ଛକ ମଝିରେ ପାର୍କିଂ, ବୁଢାରଜା ଏବଂ ପଟାଭାଡି ଛକରେ ଟ୍ରାଫିକ୍ ପୋଲିସ ଓ ଲାଇଟର ବ୍ୟବସ୍ଥା, ମହାନଦୀ ପୋଲ ଉପରେ ଚାରିଚକିଆ ଗାଡି ପାର୍କିଂ ବନ୍ଦ କରିବା ଭଳି ଦାବି ରହିଛି। ସେହିପରି ପୋଲ ଉପରେ ପାର୍କିଂ କଲେ ଫାଇନ ଆଦାୟର ବ୍ୟବସ୍ଥା, ସହରରେ ବୁଲା ଗୋରୁ ଓ କୁକୁରମାନଙ୍କୁ ସ୍ଥାନାନ୍ତର। ବୁଲା ଗୋରୁଙ୍କୁ ଗୋଶାଳାରେ ସୁରକ୍ଷିତ ଭାବେ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆଲୋଚନା ସମୟରେ ଏହି ସବୁ ସମସ୍ୟା ପ୍ରତି ପୋଲିସ ପ୍ରଶାସନ ଅବଗତ ଅଛି ଓ ଯଥାଶିଘ୍ର ସମସ୍ୟାର ସମାଧାନ ହେବ ବୋଲି ଏସ୍‌ପି ଶ୍ରୀମାଲ ପ୍ରତିଶ୍ରୁତି ଦେଇଥିବା ସୋନାଲି କହିଛନ୍ତି।

# ଅମରପାଲି ୟୁପି ସ୍କୁଲରେ ପୁରସ୍କାର ବିତରଣୀ ଉତ୍ସବ


ଶିକ୍ଷକମାନଙ୍କ ସହିତ କୃତୀ ପ୍ରତିଯୋଗୀ

**ଅମରପାଲି,୧୯।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ୟୁପି ସ୍କୁଲରେ ପୁରସ୍କାର ବିତରଣୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ପୂର୍ବରୁ ହୋଇଥିଲା ବିଭିନ୍ନ ପ୍ରତିଯୋଗିତା। ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ଲୋଗାନ, କୁଇଜ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ସ୍କୁଲର ପ୍ରାୟ ୧୦୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍କୁଲର ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ଭୋଇ ଅଧ୍ୟକ୍ଷତା କରିଥିଲେ। ବହଳପଦର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପୀତମ୍ବର ସାହୁ, ଶିକ୍ଷକ ଯଦୁମଣି ବାଘ, ତପକିରଣ ସାହୁ, ରାଜୀବ ଦୀପ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ପ୍ରଦୀପ ଜଗଦଲା କାର୍ଯ୍ୟକ୍ରମକୁ ପରିଚାଳନା, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଲୋଗାନରେ ଲିପସା ବଘାର ପ୍ରଥମ, ଜସ୍ମିନ ଖୁଣ୍ଟୁଲି ଦ୍ୱିତୀୟ ଓ ସ୍ମୃତି ଭରାସାଗର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କୁଇଜରେ ସ୍ନେହାରାଣୀ ଦେହୁରୀ ପ୍ରଥମ, ଲିପ୍ସା ବଘାର ଦ୍ୱିତୀୟ ଓ ପିଉସ ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ରୋଜାଲିନ କର୍ମୀ ପ୍ରଥମ, ରିସ୍ମା ମହାକୁର ଦ୍ୱିତୀୟ ଓ ଆୟାଂଶୁ ଶେଖର ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଆନନ୍ଦିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ର ଓ ଶିକ୍ଷକ ମିଶି ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରଜାତିର ଶତାଧିକ ବୃକ୍ଷ ରୋପଣ କରିଥିଲେ।

# ହତ୍ୟା ଉଦ୍ୟମ ମାମଲା: ଅଭିଯୁକ୍ତ କୋର୍ଟ ଚାଲାଣ

**ବାଉଁଶୁଣୀ,୧୯।୭(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଗୋଛାପଡା ଗ୍ରାମ ପଞ୍ଚାୟତ ଟାଲୁପାଲି ଗ୍ରାମରେ ଘଟିଥିବା ଏକ ହତ୍ୟା ଉଦ୍ୟମ ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୨୩ ମସିହାରେ ଟାଲୁପାଲି ଗ୍ରାମରେ ଏହି ଘଟଣା ଘଟିଥିଲା। ଉକ୍ତ ମାମଲାରେ ଅଭିଯୁକ୍ତ ଥିବା ଟାଲୁପାଲି ଗ୍ରାମର ଉଗ୍ରସେନ ମହାନନ୍ଦିଆ ନିରୁଦ୍ଦିଷ୍ଟ ଥିଲେ। ଶୁକ୍ରବାର ସକାଳ ୮ ଟା ସମୟରେ ଉଗ୍ରସେନ ନିଜ ଘରେ ଥିବା ଖବର ପାଇ ବାଉଁଶୁଣୀ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ଅପରାହ୍ନରେ ଉଗ୍ରସେନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅଞ୍ଜଳି ବିଶାଳ ସୂଚନା ଦେଇଛନ୍ତି।

# କଣ୍ଟିଆପଦର ଉଠାଜଳସେଚନ ପ୍ରକଳ୍ପ ଅଚଳ

## ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ

**ବୌଦ୍ଧ,୧୯।୭(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଲୁଣିବାହାଲ ପଞ୍ଚାୟତର କଣ୍ଟିଆପଦର ଗ୍ରାମରେ ଥିବା ଉଠାଳସେଚନ ପ୍ରକଳ୍ପ ଦୀର୍ଘ ୪ ବର୍ଷ ହେବ ଅଚଳ ହୋଇପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ପଞ୍ଚାୟତର କଣ୍ଟିଆପଦର, ଲଇଗାଁ, ମଧୁସୂଦନପୁର ଓ ଝାରକଟା ଆଦି ଗ୍ରାମକୁ ପାଣି ମାଡିଥାଏ । ପାଣି ଅଭାବରୁ ଚାଷ କରିବା ଏକରକମ ବନ୍ଦ ହୋଇଯାଇଛି । ଯଥାଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ କଣ୍ଟିଆପଦର ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ବୌଦ୍ଧ ଏକ କୃଷିପ୍ରଧାନ ଜିଲା । ଜିଲାରେ ଚାଷ ପାଇଁ ଚାଷୀ ବର୍ଷା ଉପରେ ନିର୍ଭର କରିଥାନ୍ତି। ଜିଲାରେ ପର୍ଯ୍ୟାପ୍ତ ପରିମାଣର ଜଳସେଚନ ପାଇଁ ସୁବିଧା ଥିବା ବେଳେ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ଜିଲାରେ ଉଠାଜଳସେଚନ ଜରିଆରେ ଚାଷ ଜମିକୁ ଜଳସେଚନ କରିବାର ବ୍ୟବସ୍ଥା କରାଯାଉଥିବା କୁହାଯାଉଥିବା ବେଳେ ଏହା କାଗଜକଲମରେ ସୀମିତ ଥିବା ପରି ମନେହୁଏ।

# ଶରତ ଶତପଥୀ ବଲାଙ୍ଗୀର ଏମ୍‌ପିଙ୍କ ଜିଲା ପ୍ରତିନିଧି

**ସୋନପୁର,୧୯।୭(ମୃତ୍ୟୁଞ୍ଜୟ ଶତପଥୀ)**

ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓଙ୍କ ସୁବର୍ଣ୍ଣପୁର ଜିଲା ପ୍ରତିନିଧି ଭାବେ ଭାଜପା ଯୁବ ନେତା ଶରତ କୁମାର ଶତପଥୀ ପୁନଃ ମନୋନିତ ହୋଇଛନ୍ତି। ଏନେଇ ଏମ୍‌ପି ସିଂହଦେଓ ସୁବର୍ଣ୍ଣପୁର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ଶରତ ପୂର୍ବରୁ ମଧ୍ୟ ଏମ୍‌ପି ସିଂହଦେଓଙ୍କ ଜିଲା ପ୍ରତିନିଧି ଭାବେ କାର୍ଯ୍ୟ ତୁଲାଇଥିଲେ। ସେ ପୂର୍ବରୁ ସୋନପୁର କଲେଜ ଛାତ୍ର ସଂସଦର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ପରେ ଛାତ୍ର ସଙ୍ଗଠନ, ସଂଘ ପରିବାର ଓ ଭାଜପା ସହିତ ଦୀର୍ଘ ବର୍ଷ ଧରି ଜଡିତ ଅଛନ୍ତି।

# ହେମନ୍ତ ବିଶ୍ୱାଳ ବଲାଙ୍ଗୀର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି


ଏମ୍‌ପିଙ୍କ ମନୋନୀତପତ୍ର ଗ୍ରହଣ କରୁଛନ୍ତି ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର।

**ଡୁଙ୍ଗୁରିପାଲି, ୧୯।୭(ଦୀନବନ୍ଧୁ ସୁନା)**

ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଡୁଙ୍ଗୁରିପାଲି ବ୍ଲକ ପ୍ରତିନିଧି ଭାବେ ମନୋନୀତ ହୋଇଛନ୍ତି ଜିଲା ସାଧାରଣ ସମ୍ପାଦକ ହେମନ୍ତ ବିଶ୍ୱାଳ। ଏମ୍‌ପି ସିଂଦେଓ ଡୁଙ୍ଗୁରିପାଲି ବିଡିଓଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ପୂର୍ବରୁ ହେମନ୍ତ ବିଶ୍ୱାଳ ଭାଜପାର ବିଭିନ୍ନ ଦାୟିତ୍ୱରେ ରହି କାମ କରି ଆସୁଥିବାବେଳେ ବର୍ତ୍ତମାନ ଭାଜପାର ସୁବର୍ଣ୍ଣପୁର ଜିଲା ସାଧାରଣ ସମ୍ପାଦକ ଭାବେ ରହିଛନ୍ତି। ଡୁଙ୍ଗୁରିପାଲିର ବିଭିନ୍ନ ଅନୁଷ୍ଠାନ ଓ ଜନସାଧାରଣ ବିଶ୍ୱାଳଙ୍କୁ ସ୍ୱାଗତ ଜଣାଇଛନ୍ତି। ମନୋନୀତପତ୍ର ଦେବା ସମୟରେ ରଥ ସାହୁ, ଧୀରେନ ପଧାନ, ସମିତି ସଭ୍ୟ ପ୍ରବୀର ସାହୁ, ପୂର୍ଣ୍ଣ ଚନ୍ଦ୍ର ମେହେର, ଡୁଙ୍ଗୁରିପାଲି କାର୍ଯ୍ୟକାରୀ ମଣ୍ଡଳ ସଭାପତି ବାସୁଦେବ ନାଏକ, ସୁନିଲ ବେହେରା, କୁନା ବାରିକ, ନିମାଇ ସାହୁ, ସୁଶାନ୍ତ ସାହୁ, ବେଣୁଧର ମେହେର, ଅଣା କାର ବିସେଶ୍ୱର, ବିକାଶ ହାତୀ, ଧବଳେଶ୍ୱର ପଧାନ, କଳାକାଁହୁ ମହାନନ୍ଦ ପ୍ରମୁଖ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ବସ୍ ମାଲିକ ସଂଘର ଆନ୍ଦୋଳନରେ ସାମିଲ ହେବ ଭୈରବୀ ବସ୍ କର୍ମଚାରୀ ସଂଘ

**ବୌଦ୍ଧ,୧୯।୭(ଅଜିତ କୁମାର ବାରିକ)**

ରାଜ୍ୟରେ ମୁଖ୍ୟମନ୍ତ୍ରୀ ବସ ସେବା ଚଳାଚଳ ନେଇ ରାଜ୍ୟବ୍ୟାପି ଘରୋଇ ବସ ମାଲିକ ସଂଘ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଶନିବାର ବୌଦ୍ଧ ଜିଲା ଘରୋଇ ବସ ମାଲିକ ସଂଘ ଆନ୍ଦୋଳନ ଡାକରା ଦେଇଛି। ଫଳରେ ସମସ୍ତ ବସଗୁଡିକ ଆରଟିଓଙ୍କ ଅଫିସ ଆଗରେ ରଖି ସଂଘ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଏହି ଆନ୍ଦୋଳନକୁ ମା' ଭୈରବୀ ବସ କର୍ମଚାରୀ ସଂଘ ସମର୍ଥନ କରିବା ସହ ଆନ୍ଦୋଳନରେ ସାମିଲ ହେବାକୁ ନିଷ୍ପତ୍ତି ନିଆଯାଇଛି । ଏନେଇ ଏକ ପ୍ରେସ ବିବୃତିରେ ମା' ଭୌରବୀ ବସ କର୍ମଚାରୀ ସଂଘର ସଭାପତି ଅବକାଶ ସାହୁ, ସାଧାରଣ ସମ୍ପାଦକ ଦିଲିପ କୁମାର ସାହୁ , କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ବେହେରା, ଶ୍ରବଣ ବେହେରା, ହରିଶଙ୍କର ପାଣିଗ୍ରାହୀ ଓ ହୃଷୀକେଶ ଭୋଇ ଜଣାଇଛନ୍ତି।

# ଜଗନ୍ନାଥ ମନ୍ଦିରରେ ନୀଳାଦ୍ରି ବିଜେ

**ଅମରପାଲି/ତରଭା,୧୯।୭ (ପୀତାମ୍ବର ସାହୁ/ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ସନ୍ଧ୍ୟାରେ ନିଳାଦ୍ରୀ ବିଜେ ଅନୁଷ୍ଠିତ ହୋଇଯାଇଛି। ଠାକୁରମାନଙ୍କୁ ଗୋଟି ପହଣ୍ଡିରେ ମନ୍ଦିରକୁ ନିଆଯାଇଥିଲା। ସୁଦର୍ଶନ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଲକ୍ଷ୍ମୀ ମନ୍ଦିରକୁ ଛାଡ଼ି ଥିବାବେଳେ ଜଗନ୍ନାଥଙ୍କୁ କବାଟ ବନ୍ଦକରି ଦେଇଥିଲେ। ଏହା ପରେ ଲକ୍ଷ୍ମୀ-ନାରାୟଣ କଳି ଅନୁଷ୍ଠିତ ହୋଇଥିଲା। ପରେ ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ପାଟଶାଢ଼ୀ ଓ ରସଗୋଲା ଦେଇ ମାନଭଞ୍ଜନ କଲା ପରେ ଭିତରକୁ ଛାଡିଥିଲେ। ଏହା ପରେ ଠାକୁରମାନଙ୍କୁ ପଞ୍ଚାମୃତ ସ୍ନାନ କରାଯାଇ ଭିତର ଗମ୍ଭୀରାକୁ ବିଜେ କରାଯାଇଥିଲା। ସେହିପରି ତରଭା ଦଧିବାମନ ମହାପ୍ରଭୁଙ୍କ ବାହୁଡା ଯାତ୍ରା ସମ୍ପନ୍ନ ପରେ ଶୁକ୍ରବାର ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ବିଜେ କରିଛନ୍ତି। ରୀତିନୀତି ମତେ ମହାପ୍ରଭୁଙ୍କ ପହଣ୍ଡି ଶେଷ ପରେ ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ ନୀତି ଶେଷରେ ଜଗନ୍ନାଥ ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। ୧୫ ଦିନ ଧରି ଚାଲିଥିବା ରଥଯାତ୍ରା ସମୟରେ ମୀନା ବଜାର ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ତରଭା ଚଳଚଞ୍ଚଳ ହୋଇଉଠିଥିଲା।

# ପରିବେଶକୁ ସନ୍ତୁଳିତ ରଖିବାକୁ ହେଲେ ବୃକ୍ଷରୋପଣ ଜରୁରୀ

**ଘଣ୍ଟାପଡ଼ା,୧୯।୭(ପ୍ରଭାତ କୁମାର ସାହୁ)**



ବନ ମହୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

## ନୂଆପାଲି ଆଦିବାସୀ ହାଇସ୍କୁଲରେ ବନ ମହୋତ୍ସବ

ବୌଦ୍ଧ ବନଖଣ୍ଡ କନ୍ଧମାଳ ବନାଞ୍ଚଳ ଘଣ୍ଟାପଡ଼ା ସେକ୍‌ସନ ଅନ୍ତର୍ଗତ କୁଲୁତାଜୋର ପଞ୍ଚାୟତର ନୂଆପାଲିସ୍ଥିତ ଆଦିବାସୀ ଉଚ୍ଚ ବିଦ୍ୟାଳୟଠାରେ ବନ ମହୋତ୍ସବ ପ୍ରଧାନଶିକ୍ଷକ ଅନନ୍ତ ଚରଣ କ୍ଷେତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶକୁ ସନ୍ତୁଳିତ ରଖିବାକୁ ହେଲେ ବୃକ୍ଷରୋପଣ ସହ ତାର ସୁରକ୍ଷା ଜରୁରୀ ହୋଇପଡିଛି । ଏହାଛଡା ନୂତନ ଜଙ୍ଗଲ ସୃଷ୍ଟିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ ଗଛ ଲଗାଇବା ପାଇଁ ଆହ୍ୱାନ ଦେବା ସହ ସଚେତନ କରାଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ନେଇ ଏକ ସଚେତନତା ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି କନ୍ଧମାଳ ବିଧାୟକ ଡାଙ୍ଗଙ୍କ ସହ ମୁଖ୍ୟବକ୍ତା ଭାବେ ଦିବ୍ୟଶଙ୍କର ରାଉତ ଓ ସମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର, ବୌଦ୍ଧ କେନ୍ଦୁଲିଫ ଡ଼ିଏଫଓ ସୁଦର୍ଶନ ବାଦି, କନ୍ଧମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା,ଏକ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, କୁଲୁତାଜୋର ସରପଞ୍ଚ ଚୁମୁକି ଭୋଇ, ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନ, ଶିକ୍ଷାବିତ ନୀଳାଞ୍ଚଳ ଭୋଇ, ବିଦ୍ୟାଳୟ ପୂର୍ବତନ ସଭାପତି କରୁଣାକର ସାହୁ ଯୋଗଦେଇ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପରେ ନୃତ୍ୟ ଶିକ୍ଷକ ସତ୍ୟ ରଞ୍ଜନ ବାଗଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ପରିବେଶ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କିତ ସଚେତନତାମୂଳକ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷକ ଜବରସିଂ ବନଛୋର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଧାୟକ ଡାଙ୍ଗ ବିଦ୍ୟାଳୟ ଛାତ୍ରୀ ନିବାସ ଭୋଜନ କକ୍ଷର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ମାଝୀ, ଜିଲା ଭାଜପା ଉପସଭାପତି ଚିତ୍ତରଞ୍ଜନ ପାତ୍ର,କନ୍ଧମାଳ ମଣ୍ଡଳ ସଭାପତି ଅନିଲ କୁମାର ପ୍ରଧାନ, ଘଣ୍ଟାପଡ଼ା ମଣ୍ଡଳ ସଭାପତି ପିନାକଧର ରଣା, ମଣ୍ଡଳ ଆଦିବାସୀ ମୋର୍ଚ୍ଚା ସଭାପତି ଗୋପୀନାଥ କହଁର, ରଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ବରଗାଁ ସମିତିସଭ୍ୟ ପ୍ରତିନିଧି ରାମଚନ୍ଦ୍ର ତାଣ୍ଡି ସମେତ ସ୍ଥାନୀୟ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଧାୟକ ଡାଙ୍ଗ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ପ୍ରତିଶ୍ରୁତି ପରେ ୯ ଘଣ୍ଟା ରାସ୍ତା ଅବରୋଧ ପ୍ରତ୍ୟାହାର

**ଲହୁଣୀପଡା, ୧୯।୭(ଦାଶରଥି ପଣ୍ଡା)**


ମୃତ ଶ୍ରମିକଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି।

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜମୁଣ୍ଡା ବାଇପାସ ଛକ ନିକଟ ୫୨୦ ନମ୍ବର ଜାତୀୟ ରାଜପଥରେ ଗୁରୁବାର ଏକ ପୋଲକାମ ମରାମତିବେଳେ ଶ୍ରମିକଙ୍କ ଉପରେ ଟ୍ରକ ଚଢ଼ିଯିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ୨ ଜଣ ଆହତ ହୋଇଥିଲେ। ମୃତଙ୍କ କ୍ଷତିପୂରଣ ଦାବିରେ ପରିବାର ଲୋକେ ଓ ଗ୍ରାମବାସୀ ଗୁରୁବାର ରାତିରେ ୫୨୦ ଓ ୧୪୩ ନଂ ଜାତୀୟ ରାଜପଥର ରାଜାମୁଣ୍ଡା ବାଇପାସ ଛକଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ରାଜାମୁଣ୍ଡା ଛକକୁ ସଂଯୋଗ କରୁଥିବା ୪ଟି ରାସ୍ତା ଉପରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ରାତି ତମାମ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶୁକ୍ରବାର ସକାଳୁ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି କ୍ଷତିପୂରଣ ପ୍ରଦାନ ପାଇଁ ଦାବିକୁ ସମର୍ଥନ କରିଥିଲେ। ଏକ ତ୍ରିପାକ୍ଷିକ ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟ ଭାବେ ଲହୁଣୀପଡା ତହସିଲଦାର ବାବୁଲ

## ଶ୍ରମିକଙ୍କ ଉପରେ ଟ୍ରକ୍ ଚଢ଼ିଯିବା ଘଟଣା

ପେରେଇ, ଅତିରିକ୍ତ ତହସିଲଦାର ଝସକେତନ ନାୟକ, ଲହୁଣୀପଡା ଥାନା ଅଧିକାରୀ ସୁରଜ କୁମାର ଝାଙ୍କର ଏବଂ ମୃତାହତଙ୍କ ପରିବାର ଓ ଆରକେଡିର ଜେନେରାଲ ମ୍ୟାନେଜର କୈଳାସଚନ୍ଦ୍ର ସାହୁଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଲେଖାଏଁ କ୍ଷତି ପୂରଣ, ଜଣଙ୍କୁ ଚାକିରୀ ଏବଂ ପରିବାର ଚଳିବା ପାଇଁ ମାସିକ ୧୦ ହଜାର ଓ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଆନ୍ଦୋଳନକାରୀ ଜିଦରେ ଅଟଳ ରହିଥିଲେ। ରାତି ତମାମ ଅଟକି ରହିଥିବା ଯାତ୍ରୀମାନେ କ୍ଷୋଭ ପ୍ରକାଶ କରିବା ସହିତ ମିଳିତ ଭାବେ ପାଟିତୁଣ୍ଡ କରିଥିଲେ। ଫଳରେ ଉତ୍ତେଜନା ଦେଖା ଯାଇଥିଲା। ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ କମ୍ପାନୀ ପକ୍ଷରୁ ପ୍ରତି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଚେକ ଓ ପରିବାରରୁ ଜଣଙ୍କୁ ଚାକିରୀ, ଘରଖର୍ଚ୍ଚ ବାବଦକୁ ମାସିକ ୭ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଓ ଦୁର୍ଘଟଣା ଜନିତ ବୀମା ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯିବ ବୋଲି ଥାନା ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଦୀର୍ଘ ୯ଘଣ୍ଟା ପରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଥିଲା। ସୂଚନା ଅନୁସାରେ, ରାଜାମୁଣ୍ଡା ବାଇପାସ୍ ଛକଠାରୁ ୫୨୦ ନମ୍ବର ଜାତୀୟ ରାଜପଥ ଭାୟା କେ.ବଲାଙ୍ଗ ହୋଇ କୋଇଡା ପଟେ ଯାଇଛି। ରାଜାମୁଣ୍ଡା ବାଇପାସ୍ ଛକଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ଏକ ପୋଲ ଅଛି। ସେହି ପୋଲର ଛାତରୁ କଂକ୍ରିଟ ଗଳି ପଡିଥିଲା। ଫଳରେ ଉକ୍ତ ସ୍ଥାନକୁ ଆରକେଡି ଠିକାସଂସ୍ଥା ତରଫରୁ ରାତି ପ୍ରାୟ ସାଢେ ୭ଟା ବେଳେ ମରାମତି କରାଯାଉଥିଲା। ଉକ୍ତ ସ୍ଥାନକୁ ମରାମତି କରିବା ପାଇଁ ଠିକା ସଂସ୍ଥା ପକ୍ଷରୁ ରାସ୍ତାର ଉଭୟ ପାର୍ଶରେ ମସଲା ମିଶା ମେଟାଲ ଗଦା କରାଯାଇଥିଲା। ଏଥିସହିତ ଗୋଟିଏ ପାର୍ଶ୍ୱରେ ସୂଚନା ଫଳକ ଦିଆଯାଇଥିଲା। ସେଠାରେ ପ୍ରାୟ ୧୧ ଜଣ ଶ୍ରମିକ କାମ କରୁଥିଲେ। ସେଥି ମଧ୍ୟରୁ ୩ ଜଣ ବ୍ରେକର ମେଶିନ ମାଧ୍ୟମରେ ପୋଲର ଛାତକୁ ଫଟାଉଥିଲେ। ଏହି ସମୟରେ ରାଜାମୁଣ୍ଡା ବାଇପାସ୍ ପଟୁ ଏକ ଟ୍ରକ(ଓ-୧୪ କିୟୁ-୯୧୩୯) ଦ୍ରୁତ ଗତିରେ ଆସି ମସଲା ମିଶା ମେଟାଲ ଉପରେ ଚଢ଼ି ବ୍ରେକର ମେଶିନରେ କାମ କରୁଥିବା ୩ଜଣ ଶ୍ରମିକଙ୍କ ଉପରେ ଚଢାଇ ଦେଇ ସାମ୍ନାରେ ଥିବା ଏକ ଟ୍ୟାଙ୍କର(ଓ-୦୨ଡି- ୬୦୬୫)କୁ ଧକ୍କା ଦେଇଥିଲା। ଫଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା।

# ସ୍କାନ୍ ଷ୍ଟିଲସ୍ କାରଖାନାରେ ବନ ମହୋତ୍ସବ


ବନ ମହୋତ୍ସବରେ ଉପସ୍ଥିତ କର୍ମଚାରୀମାନେ।

**କୁତ୍ରା, ୧୯।୯(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ବୁଡାକଟାଠାରେ ଅବସ୍ଥିତ ସ୍କାନ ଷ୍ଟିଲ କାରଖାନା ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। କାରଖାନାର ସର୍ବକାଳୀନ ନିର୍ଦ୍ଦେଶକ ଅଙ୍କୁର ମଦ୍ଦନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବନ ମହୋତ୍ସବ ପାଳନ ଅବସରରେ କାରଖାନାର ଅଧିକ୍ଷକ ସୌରଭ ସେନଗୁପ୍ତ, ଦୀପକ ଶର୍ମା, ଏଚଆର ବିଭାଗ ଅଧିକ୍ଷକ ପ୍ରଭୁରାମ ଦେ, ଏଲ କେ ରାମକୃଷ୍ଣ, ରମାକାନ୍ତ ସାହୁ, ଜୟଦୀପ ଘୋଷ, ସଞ୍ଜୀବ ଜେନା, ଉତ୍ତମ ଯାଦବ, ସୁବାଷ ମଲ୍ଲିକ, ସନ୍ତୋଷ ପଶନ , ବିଟୁ ଠାକୁର, ବିନୟ ଝା, ସତ୍ୟବ୍ରତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ। ଏହା ସହିତ ବର୍ତ୍ତମାନ ସମୟରେ ଯେଉଁଭଳି ଭାବେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପଉଛି ତାହାକୁ ଆଖି ଆଗରେ ରଖି ବୃକ୍ଷର ମହତ୍ତ୍ୱ ବିଷୟରେ ଆଲୋକପାତ କରି ସମସ୍ତଙ୍କୁ ଗଛ ଲଗାଇ ଏହାର ରକ୍ଷଣାବେକ୍ଷଣ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ଅଠର ଶହ ବୃକ୍ଷ ରୋପଣ କରିଥିବା ବେଳେ ଆଗକୁ କାରଖାନା ପରିସରରେ ଓ ଏହାର ଆଖପାଖ ଅଞ୍ଚଳରେ ୩ ହଜାର ଚାରା ରୋପଣ କରିବା ପାଇଁ ଲକ୍ଷ ରଖାଯାଇଥିବା ନେଇ ଏଚଆର ଅଧିକ୍ଷକ ଦେ ପ୍ରକାଶ କରିଛନ୍ତି।

# ଘୋଘର ମନ୍ଦିର ପାଖରୁ ଜବର ଦଖଲ ଉଚ୍ଛେଦ

**ରାଜଗାଙ୍ଗପୁର, ୧୯।୭(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଘୋଘର ଧାମ ମନ୍ଦିର ପାଖରେ ବେଆଇନ ଭାବେ ଜବର ଦଖଲ ହୋଇଥିବା ସରକାରୀ ଜମିକୁ ପ୍ରଶାସନ ଶୁକ୍ରବାର ଦିନ ଉଚ୍ଛେଦ କରିଛି। ଘୋଘର ଧାମରେ ଆସନ୍ତା ସୋମବାର ଠାରୁ ଶ୍ରାବଣ ମାସ ଉପଲକ୍ଷେ ଭକ୍ତଙ୍କ ସମାଗମ ଆରମ୍ଭ ହେବ। ଏଥି ସହିତ ନାନାପ୍ରକାର ଦୋକାନ ବଜାର ବସିବ। କିନ୍ତୁ ଅଞ୍ଚଳର କିଛି ଲୋକ ମନ୍ଦିର ପାଖରେ ଲାଗିରହିଥିବା ୫ ଏକରରୁ ଊର୍ଦ୍ଧ୍ୱ ଜମିକୁ ତାରବାଡ ଓ ସିମେଣ୍ଟ ପିଲାର ଦେଇ ଘେରି ଜବରଦଖଲ କରିଥିଲେ। ଘୋଘର ଧାମ ମନ୍ଦିର କମିଟିର ଅଭିଯୋଗ କ୍ରମେ ସୁନ୍ଦରଗଡ ଜିଲାପାଳଙ୍କ ନିର୍ଦ୍ଦେଶରେ ଶୁକ୍ରବାର ୨ ଜଣ ମାଜିଷ୍ଟ୍ରେଟ ଯଥା ଜଗବନ୍ଧୁ ମଲ୍ଲିକ ରାଜଗାଙ୍ଗପୁର ତହସିଲଦାର ଓ କୁତ୍ରା ତହସିଲଦାର ପ୍ରମୋଦ କୁମାର ବାସ୍କୀ, ୨ ପ୍ଲାଟୁନ ଫୋର୍ସ, କାଂଶବାହାଲ ଫାଣ୍ଡି ଅଧିକାରୀ ପ୍ରଭସିମରଣ ସିଂ ଘଟଣା ସ୍ଥଳରେ ପହଞ୍ଚି ୪ଟି ଜେସିବି ମେଶିନ ଦ୍ୱାରା ତାରବାଡ ଓ ସିମେଣ୍ଟ ପିଲାରକୁ ହଟାଇ ଜବରଦଖଲ ଉଚ୍ଛେଦ କରିଥିଲେ।


ଜବତ ଦଖଲ ଉଚ୍ଛେଦ କରାଯାଉଛି।

# ଦ୍ରୁତଗତିରେ ଚାଲିଛି ଚତୁର୍ଥ ସ୍ଲାବ କାଷ୍ଟର, ଲେଡଲ ଫର୍ନେସ ପ୍ରକଳ୍ପ ନିର୍ମାଣ କାମ

**ରାଉରକେଲା, ୧୯।୭(ବିପ୍ଳବ ରଞ୍ଜନ ଦାଶ)**


ଆର୍‌ଏସ୍‌ପିରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି।

ଆର୍‌ଏସ୍‌ପିର ଷ୍ଟିଲ ମେଲ୍ଟିଙ୍ଗ ସପ-୨ ବିଭାଗର ଇସ୍ପାତ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା ନେଇ ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ସ୍ଲାବ କାଷ୍ଟର ଓ ଲେଡଲ ଫର୍ଣ୍ଣେସ ପ୍ରକଳ୍ପ କାର୍ଯ୍ୟ ଦ୍ରୁତବେଗରେ ଚାଲଛି। ଜାରି ରହିଥିବା ପ୍ରକଳ୍ପ କାର୍ଯ୍ୟ ମେସର୍ସ ଏସଏମଏସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ନୂଆଦିଲ୍ଲୀ ଓ ମେସର୍ସ ଏସଏମଏସ ଗ୍ରୁପ ଜିଏମବିଏଚ ଜର୍ମାନୀର ମିଳିତ ଉଦ୍ୟମ କ୍ରମେ କାର୍ଯ୍ୟକାରୀ ହେଉଛି। ପ୍ରକଳ୍ପ ନିର୍ମାଣ ଦ୍ରୁତଗତିରେ ହେଉଛି। ଏହି ଅଗ୍ରଗତି ଇସ୍ପାତ କାରଖାନା ରଣନୈତିକ ପଦକ୍ଷେପର ଏକ ଅଂଶବିଶେଷ। ସେଣ୍ଟର ଫର ଇଞ୍ଜିନିୟରିଂଙ୍ଗ ଆଣ୍ଡ ଟେକ୍ନୋଲୋଜୀ, ରାଞ୍ଚି ମରାମର୍ଶଦାତା ରହିଛି। ୨୦୨୫ ମେ ସୁଦ୍ଧା ପ୍ରକଳ୍ପ ଶେଷ ହେବା ଧାର୍ଯ୍ୟ ରହିଛି। ଆର୍‌ଏସ୍‌ପିର ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଓ ମାନବ ସମ୍ବଳ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ଦୃଢ ନେତୃତ୍ୱ କ୍ରମେ ପ୍ରକଳ୍ପ ବିଭାଗ ଦ୍ୱାରା ଏହା କାର୍ଯ୍ୟକାରୀ ହେଉଛି। ଏସଏମଏସ-୨ ବିଭାଗର ସିଜିଏମ ଟି.ପି ଶିବଶଙ୍କର ପ୍ରକଳ୍ପ ମାଲିକାନା ଦାୟିତ୍ୱ ତୁଲାଉଥିବା ବେଳେ ପ୍ରକଳ୍ପ ବିଭାଗର ଜିଏମ ପି.ପ୍ରଶାନ୍ତ କୁମାର ପ୍ରକଳ୍ପର ପ୍ରୋଜେକ୍ଟ ମ୍ୟାନେଜର ରହିଛନ୍ତି। ୨୦୨୪ ଜୁନ ସୁଦ୍ଧା ପ୍ରକଳ୍ପର ଚତୁର୍ଥ ସ୍ଲାବକାଷ୍ଟର ସହିତ ଲାଡେଲ ଫର୍ଣ୍ଣେସର ୫୦ପ୍ରତିଶତରୁ ଅଧିକ ସ୍ଥୁଳ କାର୍ଯ୍ୟ ସମ୍ପାଦିତ ହୋଇସାରିଛି। ନୂତନ କାଷ୍ଟର ଓ ଲେଡଲ ଫର୍ଣ୍ଣେସ ଫାଉନ୍‌ଡସେନ, ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ, ଇଲେକ୍ଟ୍ରିକାଲ ବିଲ୍ଡିଙ୍ଗ ଏବଂ ଏମଏସଆରଏସ ବିଲଡିଙ୍ଗ ପାଇଁ ସିଭିଲ କାମ ଚାଲିଥିବା ବେଳେ ମୁଖ୍ୟ ବିଲ୍ଡିଙ୍ଗ ସେଡ, ଏମଏସଆରଏସ ବିଲଡିଂଙ୍ଗ, ଛାତ ଏବଂ ପାଇପ ବ୍ରିଜ ପାଇଁ ଷ୍ଟ୍ରକଚରାଲ ନିର୍ମାଣ ଦ୍ରୁତଗତିରେ ଚାଲିଛି। ଟ୍ରାନ୍ସଫର୍ମର ଇରେକ୍ସନ, ମାଇକ୍ରୋ କେବୁଲ ଲେଟିଙ୍ଗ ,ଆର୍ଥ ପିଟ ଏବଂ ଆର୍ଥିଙ୍ଗ କାର୍ଯ୍ୟ,କେବୁଲଟ୍ରେ ଇରେକ୍ସନ ଓ କେବୁଲ ଲେଟିଙ୍ଗ ସହିତ ବୈଦ୍ୟୁତିକ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ଆହୁରୀ ମଧ୍ୟ ପ୍ରକଳ୍ପର ପ୍ରାକୃତିକ ଜଟିଳତା ଏବଂ ଆହ୍ୱାନକୁ ଅତିକ୍ରମ କରି ଆରଏସପି ଶୂନ୍ୟ ଦୂର୍ଘଟଣା ନୀତି ଓ ସମସ୍ତ ସୁରକ୍ଷା ମାନଦଣ୍ଡକୁ ଅନୁପାଳନ କରି ସମ୍ପ୍ରସାରିତ ବିଲ୍ଡିଙ୍ଗ ଶେଡର ସ୍ତମ୍ଭ ଗୁଡିକରେ ୟୁଟିଲିଟି ଓ ପାଇପ ଲାଇନ ନିର୍ମାଣ କାର୍ଯ୍ୟ ଜାରି ରଖିଛି।

# ଭାରତୀୟ ସାହିତ୍ୟ, ଗୁରୁଙ୍କ ମହତ୍ତ୍ୱ ଉପରେ ଆଲୋଚନା ସଭା

**ରାଉରକେଲା, ୧୯।୭(ଦିନେଶ ମିଶ୍ର)**

ସେକ୍ଟର-୫ ସ୍ଥିତ ଆଦର୍ଶ ପାଠାଗାର ପରିସରରେ ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର, ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ଉପସଭାପତି ଡା. ବସନ୍ତ କୁମାର ଦାସ ଆବାହକତ୍ୱ ଓ ଅଧ୍ୟାପକ କରୁଣାକର ପାଢଶାଣୀଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଭାରତୀୟ ସାହିତ୍ୟ ଓ ସଂସ୍କୃତିରେ ବ୍ୟାସ ପୂର୍ଣ୍ଣିମାର ମହତ୍ୱ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆସରରେ ମ୍ୟୁନିସିପାଲ ମହାବିଦ୍ୟାଳୟର ଅଧ୍ୟାପକ ସଞ୍ଜୟ କୁମାର ମହାପାତ୍ର ଆଲୋଚ୍ୟ ବିଷୟ ପ୍ରସଙ୍ଗରେ ପ୍ରାଚୀନ ଭାରତୀୟ ସାହିତ୍ୟ ଓ ଗୁରୁଙ୍କ ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବିଜ୍ଞାନ ଭିତ୍ତିକ ଆଲୋଚନା ମାଧ୍ୟମରେ ପୂର୍ଣ୍ଣିମାର ଗୁରୁତ୍ୱ ଓ ବିଭିନ୍ନ ଧର୍ମର ଏହାର ପ୍ରତିଫଳନ, ପ୍ରାଚୀନ ଗୁରୁକୂଳ, ଗୁରୁଶିଷ୍ୟ ସମ୍ପର୍କ ସହ ଆଧୁନିକତା ସମାଜରେ ଗୁରୁଙ୍କ ଆବଶ୍ୟକତା, ଭଗବାନ ବ୍ୟାସ ତଥା ଆଧୁନିକ ସମାଜରେ ଗୁରୁଙ୍କ ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକ ସଞ୍ଜୀବ କୁମାର ଭୋଇଙ୍କ ପାଳଭୂତ ଶୀର୍ଷକ ଗଳ୍ପ ପାଠ କରିଥିଲେ। ତୃତୀୟ ପର୍ଯ୍ୟାୟରେ ଅଧ୍ୟାପକ ସିମରନ ମହାପାତ୍ର ଓ ଗୀତାରାଣୀ ବେହେରାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବ ମେଘମହ୍ଲାର କାର୍ଯ୍ୟକ୍ରମରେ ରାଉରକେଲାର ବହୁ କବି ଓ କବିୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ରାଉତ, ଅଜିତ କୁମାର ଗୌଡ, ଜ୍ୟୋତିରଞ୍ଜନ ମହାପାତ୍ର, ଗଙ୍ଗାଧର ପୁହାଣ, ପ୍ରଦୀପ ପଟ୍ଟନାୟକ, ଅକ୍ଷୟ ସାମଲ, ଦିବାକର ଦାସ, କାଶିନାଥ ପାତ୍ର, ରାଜୀବ ପାଣି, ମଧୁସୂଦନ ଟିଏସ୍, ଦୀନବନ୍ଧୁ ରଥ, ଉପେନ୍ଦ୍ର ନାୟକ, ହରିହର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଭାରତୀୟ ସାହିତ୍ୟ, ଗୁରୁଙ୍କ ମହତ୍ତ୍ୱ ଉପରେ ଆଲୋଚନା ସଭା

# ମେଗା ବ୍ଲକ ପାଇଁ ଟ୍ରେନ୍ ସମୟ ପରିବର୍ତ୍ତନ ହେଲା

**ରାଉରକେଲା, ୧୯।୭(ସଙ୍ଗୀତା ଜେନା)**

ଆସନ୍ତା ୨୦ରୁ ଦକ୍ଷିଣପୂର୍ବରେଳପଥ ଚକ୍ରଧରପୁର ରେଳ ମଣ୍ଡଳ ଅଧୀନରେ ଥିବା ମେଗା ବ୍ଲକ ହେବାକୁ ଯାଇଛି। ଏଥିରେ ରେଳଲାଇନ୍ ମରାମତି ଓ ନିର୍ମାଣ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ତେଣୁ କେତେକ ଟ୍ରେନର ସମୟ ପରିବର୍ତ୍ତ କରାଯାଇଛି। ଦୁର୍ଗ ଏକ୍ସପ୍ରେସରେ ସମୟ ପରିବର୍ତ୍ତନ ହୋଇଛି। ସେହିପରି ଶ୍ରାବଣୀ ମେଳା ପାଇଁ କଣ୍ଟାବାଂଝି ହାୱଡା ଇସ୍ପାତ ଏକ୍ସପ୍ରେସ୍ ଟ୍ରେନ୍ ଜୁଲାଇ ୨୭, ଅଗଷ୍ଟ ୩,୧୦ ଓ ୧୭ ତାରିଖରେ ସମୟ ପରିବର୍ତ୍ତନ କରାଯାଇଛି। ପଶେଇତା ଷ୍ଟେଶନ ନିକଟରେ ସ୍ୱତନ୍ତ୍ର ରହଣି କରାଯାଇଛି।

# ରେଲୱେ କର୍ମଚାରୀଙ୍କ ଘରୁ ସ୍ପ୍ରେ ମାରି ଚୋରି

**ରାଉରକେଲା, ୧୯।୭(ସଙ୍ଗୀତା ଜେନା)**

ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡିଜେଲ କଲୋନୀରେ ଜଣେ ରେଳବାଇ କର୍ମଚାରୀଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ୨ ଟି ମୋବାଇଲ ଫୋନ, ମଙ୍ଗଳସୂତ୍ର, କାନଫୁଲ ଆଦି ଚୋରି ହୋଇଯାଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା (ନଂ.୧୫୪/୨୪) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ,ରେଳବାଇ କର୍ମଚାରୀ ରାତିରେ କ୍ୱାର୍ଟରରେ ଶୋଇଥିଲେ। ଭୁଲବଶତଃ ପଛ ଗ୍ରୀଲ କବାଟ ବନ୍ଦ ହୋଇ ନ ଥିଲା। ଅଧରାତିରେ କେହି ଦୁର୍ବୃତ୍ତ ସେମାନଙ୍କୁ ସ୍ପ୍ରେ ମାରି ସାମଗ୍ରୀ ଚୋରି କରି ଫେରାର ହୋଇଯାଇଥିଲେ।

# ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ

**କୁତ୍ରା, ୧୯।୭(ଦେବାଶିଷ ସାହୁ)**

କୁତ୍ରା ବ୍ଲକ କଟଙ୍ଗ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୁତ୍ରା ବିଇଓ ଅଶୋକ କୁମାର ଲାକଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଏବିଇଓ ନିରଞ୍ଜନ ରାଉଳ, ଏବିଇଓ ମିନାକୁମାରି ଜେନା, ବଡଗାଁ ରେଞ୍ଜର ପ୍ରଦୀପ ଭୂତିଆ, ପ୍ରକୃତି ପ୍ରେମୀ ବିଭୀଷଣ ବାରିକ, ତରକେରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ, ଅନୁଷ୍ଠାନର ପୂର୍ବତନ ପ୍ରଧାନ ଶିକ୍ଷକ ଥମାସ ବିଲୁଙ୍ଗ, କଟଙ୍ଗ ଆଶ୍ରମର ପ୍ରଧାନ ଶିକ୍ଷକ ଧରଣୀଧର ଅଡା, ସମିତିସଭ୍ୟା ସୁରତି ଧନୁୱାର, ସରସ୍ୱତି ସିଂ,ବାସନ୍ତି ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ସହିତ ମିଶି ବିଭିନ୍ନ ପ୍ରକାରର ଚାରା ରୋପଣ କରି ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା ନାରା ଦେଇଥିଲେ। ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଭିକାରୀ ଦାସ, ପ୍ୟାରେଲାଲ ସାହୁ, ବିଜୟ କେରକେଟା, ଉଦିତ ସେଖର ସିଂ, ରୁବି କମାର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍କାଉଟସ ଗାଇଡସ ରାଜ୍ୟ ପୁରସ୍କାର ପାଇଥିବା ୧୫ ଜଣ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବା ସହ ରାଜ୍ୟ ସ୍ତରୀୟ ହକି ଚାମ୍ପିୟନଶିପରେ ଭାଗନେଇ ବିଦ୍ୟାଳୟର ଛାତ୍ରୀ ଅଶିମା କିସପଟା ଅନୁଷ୍ଠାନର ଗୌରବ ବଢାଇଥିବାରୁ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ ।

# ଆଇଜିଏଚ୍‌ରେ ନୂତନ ଫାର୍ମାସି ସୁବିଧା ଉଦ୍‌ଘାଟିତ

**ରାଉରକେଲା, ୧୯।୭(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସପିର ଆଇଜିଏଚ୍‌ରେ ନୂତନ ଫାର୍ମାସି ସୁବିଧା ଆରମ୍ଭ କରାଯାଇଛି। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନଚାର୍ଜ ଡ. ଜୟନ୍ତ ଆଚାର୍ଯ୍ୟ ଏବଂ ସିଏମଓ ଡ. ପି.କେ ମହାପାତ୍ର ମିଳିତ ଭାବେ ସ୍ଥାନୀୟ ମେଡିସିନ ବିତରଣ ବ୍ଲକ୍ ପରିସରରେ ସ୍ଥାପିତ ନୂତନ ଫାର୍ମାସି ସୁବିଧା କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ପ୍ରକାଶ ଥାଉକି, ସ୍ଥାନୀୟ ସୁବିଧା କେନ୍ଦ୍ର ମାଧ୍ୟମରେ ଆଇଜିଏଚରେ ଚାଲୁଥିବା ୩ଟି ଇନଡୋର ଡିସପେନସାରୀ କେନ୍ଦ୍ର ସହିତ ସମୁଦାୟ ୬ଟି ଔଷଧ ବିକ୍ରୟ ସୁବିଧାକେନ୍ଦ୍ର ଗୁଡିକରେ ଅନୁପଲବ୍ଧ ବିଭିନ୍ନ ଔଷଧ ପତ୍ର ଗୁଡିକର ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯିବ। ୨୪ ଘଣ୍ଟା ସୁବିଧା କେନ୍ଦ୍ରରୁ ସୁବିଧା ସୁଲଭ ହେବ। ସୁବିଧାକେନ୍ଦ୍ର ମେଷର୍ଷ ଭାରତ ଫାର୍ମାସ୍ୟୁଟିକାଲ,ରାଉରକେଲା ଦ୍ୱାରା ପରିଚାଳିତ ହେବ। ତେବେ ନୂତନ ଫାର୍ମାସି ସୁବିଧାକେନ୍ଦ୍ର ଉଦଘାଟନୀ ସମାରୋହ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ଡିସପେନସାରୀ ସିନିୟର ମ୍ୟାନେଜର ବାସନ୍ତି ମଲ୍ଲିକ, ଏ.କେ ସେଠୀ, ଏମ.ଏମ ପର୍ଚ୍ଚେଜ ବିଭାଗର ସିନିୟର ମ୍ୟାନେଜର ଏସ.କେ ବେରା, ଡେପୁଟୀ ମ୍ୟାନେଜର ପି.କେ ବରାଳଙ୍କ ସହିତ ଅତିରିକ୍ତ ସିଏମଓ ବି.କେ ନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।


ଫାର୍ମାସି ସୁବିଧା କେନ୍ଦ୍ର ଉଦ୍‌ଘାଟିତ ହେଉଛି।

# ଜିଆଖତ ଉତ୍ପାଦନ ଦ୍ୱାରା ଜୀବନ ଜୀବିକାର ଉନ୍ନତି ସମ୍ଭବ

**ସୁନ୍ଦରଗଡ, ୧୯।୭(ଜୟ ନାରାୟଣ ମେଣ୍ଡୁଲି)**



ଅତିଥିଙ୍କ ଗହଣରେ ମହିଳା ଚାଷୀ ଓ ଅନ୍ୟମାନେ।

କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୫ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଓଡିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ବାଡସି) ଓ ଭାରତୀୟ କୃଷି ଗବେଷଣା ପରିଷଦ ଅନ୍ତର୍ଗତ ଜନଜାତି ଉପଯୋଜନାଙ୍କ ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ଜୁଲାଇ ୧୫ ରୁ ୧୯ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜିଲାର ଅଧିକାରୀ କମିଟିଙ୍କ ଦ୍ୱାରା ଚୟନ କରାଯାଇଥିବା ୪୦ ମହିଳା ଓ ପୁରୁଷଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ଜିଆଖତ ଉତ୍ପାଦନ ଓ ଉନ୍ନତମାନର କମ୍ପୋଷ୍ଟ ପ୍ରସ୍ତୁତି ଉପରେ ତାଲିମ ଦିଆଯାଇଥିଲା। ଗ୍ରାମୀଣ ଶିକ୍ଷିତ ଯୁବତୀ ଯୁବକଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ଜିଆଚାଷ ଓ ଜିଆଖତ ଉତ୍ପାଦନକୁ ଗ୍ରହଣ କରିବା ଲକ୍ଷ୍ୟନେଇ ଏହି ତାଲିମ ଶିବିର ଆୟୋଜନ କରାଯାଇଥିଲା। ପ୍ରଶୀକ୍ଷାର୍ଥୀଙ୍କୁ ଜିଆଚାଷ, ଜିଆଖତ ଉତ୍ପାଦନ ଉନ୍ନତମାନର କମ୍ପୋଷ୍ଟ ପ୍ରସ୍ତୁତି ସମ୍ବନ୍ଧୀୟ ବିଭିନ୍ନ ଜ୍ଞାନକୌଶଳ ଯଥା ଜିଆଖତ ପାଇଁ ଉପଯୋଗୀ ଜିଆ, ଆବଶ୍ୟକ ଉପକରଣ, ପ୍ରସ୍ତୁତି ପ୍ରଣାଳୀ, ବିଭିନ୍ନ ଫସଲରେ ପ୍ରୟୋଗ ବିଧି, ଜିଆର ବଂଶ ବୃଦ୍ଧି, ବିକ୍ରିବଟା, ସରକାରୀ ଯୋଜନା ଓ ସୁବିଧା ସୁଯୋଗ ଆଦି ବିଷୟରେ ତାଲିମ ପ୍ରଦାନ କରାଯିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ଜ୍ଞାନ କୌଶଳକୁ ପ୍ରଦର୍ଶନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା ମୁଖ୍ୟ ପ୍ରଶିକ୍ଷକଭାବେ ତାଲିମ ପ୍ରଦାନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ.ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଡେଭିଡ ଜେମସ ବାଗେ, ଡ. ଦିବ୍ୟେନ୍ଦୁ ମଣ୍ଡଳ, ଆଶିଷ କୁମାର ମହାନ୍ତି, ଡ. ସଞ୍ଜୀବ ବିଶ୍ୱାସୀ, ବିଦ୍ୟାଧର ଟୁଡୁ, ମୟୁଖ ଅଧିକାରୀ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଟାଙ୍ଗପାଲି ବ୍ଲକର ଦେବଭୂମି ଅର୍ଗାନିକ୍ସ ଜିଆଖତ ଉଦ୍ୟୋଗ, ଫୁଲଧୁଡି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ଭିତ୍ତିକ ଜିଆଖତ ଉତ୍ପାଦନ, କେନ୍ଦ୍ରୀୟ ନର୍ସରୀ, ଉଜ୍ଜ୍ୱଳପୁର ଓ ରଙ୍ଗାଡିପାସ୍ଥିତ ସିଆଇଆରଟିଡର ଜୈବ ଉତ୍ପାଦ ପ୍ରସ୍ତୁତି କେନ୍ଦ୍ରକୁ ପରିଭ୍ରମଣରେ ଯାଇ ପ୍ରତ୍ୟକ୍ଷ ଜ୍ଞାନ କୌଶଳ ଆହରଣ କରିଥିଲେ। ତାଲିମର ଅନ୍ତିମ ଦିବସରେ ମୁଖ୍ୟ ଅତିଥିଭାବେ ଜଳଛାୟା ପ୍ରକଳ୍ପର ସହ ନିର୍ଦ୍ଦେଶକ (ମୃତ୍ତିକା ସଂରକ୍ଷଣ) ଧୂମା ହେମ୍ବ୍ରମ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ଓ ସେମାନଙ୍କୁ କୃଷି ଉଦ୍ୟୋଗୀ ହେବା ପାଇଁ ଉତ୍ସାହିତ କରିଥିଲେ। ଓରମାସ, ସୁନ୍ଦରଗଡ଼ର କୌଶଳ ବିକାଶ ଅଧିକାରୀ ଚଞ୍ଚଳ ଶର୍ମା ମଧ୍ୟ ଯୋଗଦେଇଥିଲେ। ପ୍ରଶିକ୍ଷଣ ଶେଷରେ ପ୍ରଶିକ୍ଷାର୍ଥୀଙ୍କ ମୂଲ୍ୟାୟନ କରାଯାଇ ତାଲିମ ପୁସ୍ତିକା, ଜିଆଖତ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ତାଲିମ ଶିବିରକୁ କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଅରୁଣ କୁମାର ମିଶ୍ର, ବିଦ୍ୟାଧର ଟୁଡୁ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ, ଷ୍ଟେନୋ କମଳ ଲୋଚନ ମହାନ୍ତ, କର୍ମଚାରୀ ଭ୍ରମରବର ସା, ଜିତେନ୍ଦ୍ର ସେଠୀ, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ଜିଲାର ସାମଗ୍ରିକ ବିକାଶ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

## ଜିଲା ପରିଷଦ ଷଷ୍ଠ ଅଧୀବେଶନର ପଞ୍ଚମ ବୈଠକ

ଦେବଗଡ଼,୧୯।୭(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅଧକ୍ଷ ଜିଲା ପରିଷଦ କୌଶିକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଜିଲା ପରିଷଦ ଷଷ୍ଠ ଅଧୀବେଶନର ପଞ୍ଚମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶାଳ, ଉପସଭାପତି ଜିଲା ପରିଷଦ ବର୍ଷାରାଣୀ ମୁଣ୍ଡା, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସୋ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା ମଞ୍ଚାସୀନ ରହି ଜିଲାର ସାମଗ୍ରିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ ଓ ବିଭିନ୍ନ ଯୋଜନାର କାର୍ଯ୍ୟକାରୀତା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଗ୍ରାମୀଣ ଆବାସ ଯୋଜନା, ଓଡ଼ିଶା ଜିବିକା ମିଶନ, ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, କର୍ମ ନିଯୁକ୍ତି ଯୋଜନା, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ, ଗ୍ରାମାଞ୍ଚଳ ବିଦ୍ୟୁତ୍ କରଣ, କୃଷି, ଉଦ୍ୟାନ ବିଭାଗ, ମୃତ୍ତିକା ଓ ଜଳଛାୟା, ଜଳସେଚନ, ଶିକ୍ଷା, ସାସ୍ଥ୍ୟ ଓ ପରିବାର କଲ୍ୟାଣ, ଖାଦ୍ୟ ଯୋଗାଣ, ପୃତ୍ତ ବିଭାଜନ ( ସଡ଼କ ଓ କୋଠାବାଡି), ମସ୍ୟ, ଜିଲା ମଙ୍ଗଳ, ଜିଲା ସମାଜ ମଙ୍ଗଳ, ପଶୁ ସମ୍ପଦ, ଶ୍ରମ ବିଭାଗ, ଅବକାରୀ ବିଭାଗ, ମୁଖ୍ୟମନ୍ତ୍ରୀ ବସ ସେବା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପାଉଡି ଭୂୟାଁ, ଜିଲା ଶିଶୁ ସୁରକ୍ଷା, ଶିଳ୍ପ, ଭାରତୀୟ ଦୂର ସଞ୍ଚାର ବିଭାଗ ଓ ସ୍ୱଚ୍ଛ ଭାରତ ମିଶନ ସହ ବିଭିନ୍ନ ଯୋଜନା ବାବଦରେ ଆଲୋଚନା ହୋଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷର ଅଟକଳ ଏବଂ ବ୍ୟୟର ଅଟକଳ ୨୦୨୩-୨୪ର ଜିଲା ପରିଷଦ ଦେବଗଡ଼ର ପ୍ରାଶାସନିକ ଖର୍ଚ୍ଚର ଅନୁମୋଦନ କରାଯାଇଥିଲା। ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ଅରୁଣ ସାହୁ, ରିଆମାଳ ବ୍ଲକ ଅଧକ୍ଷ ମଧୁସୁଦନ ପ୍ରଧାନ, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି, ପୁଷ୍ପାଞ୍ଜଳି ସାମଲ, ବାସନ୍ତୀ ବେହେରା, ଜିଲା ପରିଷଦ ସଦସ୍ୟ ସମରେନ୍ଦ୍ର ଝି, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ବେହେରା ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଲୁଣିପଡ଼ା ଗ୍ରାମବାସୀଙ୍କ ସ୍ମାରକପତ୍ର



ଦେବଗଡ଼,୧୯।୭(ଶଶାଙ୍କ ଶେଖର ଝାଙ୍କର)

## ନୂତନ ଟ୍ରାନ୍ସଫର୍ମର ସଂଯୋଗ ଦାବି

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କଂସର ଗ୍ରାମ ପଞ୍ଚାୟତ ପାଲୁଣିପଡା ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗତ ୧୦ ଦିନ ହେବ ପୋଡିଯାଇଛି। ଫଳରେ ଅଞ୍ଚଳବାସୀ ଅନ୍ଧକାରରେ ରହିବା ସହ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏକ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂଯୋଗ କରି ଏହି ସମସ୍ୟାର ସମାଧାନ ନିମନ୍ତେ ଗ୍ରାମବାସୀ ବିଦ୍ୟୁତ୍ ବିଭାଗ (ଟିପିଡବ୍ଲୁଓଡିଏଲ)ର ନିର୍ବାହୀ ଯନ୍ତ୍ରୀ ଏବଂ ଦେବଗଡ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ପାଲୁଣିପଡା ଗ୍ରାମର ସୁବନାଥ ପୂର୍ତ୍ତୀ, ନବୀନ ଭଇଁଷା, ରଞ୍ଜନ ନେତ୍ତୁର, ମହେନ୍ଦ୍ର ନେତ୍ତୁର, ଲଳିତ ବାଘ, ସୁଶାନ୍ତ ବାଘ ଓ ଅମିତ ବିଶ୍ୱାଳଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ଦେବଗଡସ୍ଥିତ ବିଦ୍ୟୁତ୍ ବିଭାଗ (ଟିପିଡବ୍ଲୁଓଡିଏଲ)ର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନୁରୂପ ଭାବେ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ବାସ ଭବନକୁ ଯାଇ ତାଙ୍କୁ ମଧ୍ୟ ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ସ୍ୱାମୀଙ୍କ ଫଟୋ ସହ ସାନଯାଆଙ୍କ ଫଟୋ ଯୋଡି ଅଦାଲତରେ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗ

ଦେବଗଡ଼,୧୯।୭(ଶଶାଙ୍କ ଶେଖର ଝାଙ୍କର)

## ବଡ଼ଯାଆଙ୍କ ବିରୋଧରେ ମାମଲା

ସ୍ୱାମୀ ବିରୋଧରେ କେଶ କରିଥିବା ବଡ ଯାଆ ନିଜ ସ୍ୱାମୀଙ୍କ ଫଟୋ ସହିତ ତାଙ୍କ (ସ୍ୱାମୀଙ୍କ)ଭାଇବୋହୁଙ୍କ ଫଟୋ ଯୋଡି ଅଦାଲତରେ ଦାଖଲ କରିଥିବା ନେଇ ଦେବଗଡ ପୌରାଞ୍ଚଳରେ ଜନ୍ମିତା ତଥା ବାରକୋଟ ବ୍ଲକରେ ବିବାହ କରିଥିବା ଜଣେ ମହିଳା ବାରକୋଟ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବାରକୋଟ ପୋଲିସ ଅଭିଯୁକ୍ତ ଯାଆ ବିରୋଧରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗକାରୀଣି ମହିଳାଙ୍କ ଅଭିଯୋଗ ଅନୁଯାୟୀ ସେ ଭିନ୍ନ ଜାତିରେ ବିବାହ କରିଥିବାରୁ ୨୦୨୨ ଡିସେମ୍ବର ୨୨ରେ ଦେବଗଡସ୍ଥିତ ବିବାହ ପଞ୍ଜୀକରଣ ଅଧିକାରୀଙ୍କ ସମ୍ମୁଖରେ ବିବାହ ପଞ୍ଜୀକରଣ କରିଥିଲେ। ମାତ୍ର ତାଙ୍କର ବଡ ଯାଆ ନିଜର ସ୍ୱାମୀ (ଅଭିଯୋଗକାରୀଣିଙ୍କ ଦେଢଶୁର)ଙ୍କ ବିରୋଧରେ ଦେବଗଡସ୍ଥିତ ବିଚାର ବିଭାଗୀୟ ଅଦାଲତରେ ମାମଲା ଦାୟର କରିଥିବା ବେଳେ ଦେଢଶୁର ଫଟୋ ସହିତ ତାଙ୍କ(ଅଭିଯୋଗକାରୀଣି)ର ଫଟୋ ଯୋଡି ଅଦାଲତରେ ଦାଖଲ କରିଛନ୍ତି। ଏପରିକି ଦେଢଶୁର-ଭାଇ ବୋହୁଙ୍କ ଅନୈତିକ ସମ୍ପର୍କ ରହିଥିବା ନେଇ ମଧ୍ୟ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି। ଏଥିସହ ଘରେ କେହି ନ ଥିବା ଅବସ୍ଥାରେ ତାଙ୍କ ଘରକୁ ଆସି ଜୀବନରେ ମାରିଦେବାକୁ ମଧ୍ୟ ଉଦ୍ୟମ କରୁଛନ୍ତି। ଏହା ଦ୍ୱାରା ପୀଡିତାଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ଆଚମ୍ବିତ ହୋଇପଡିବା ସହ ପୀଡିତା ଲାଜରେ ମୁଣ୍ଡ ଟେକି ପାରୁନାହାନ୍ତି। ଏଭଳି ପରିସ୍ଥିତିରେ ପୀଡିତା ମହିଳା ଜଣକ ଅଦାଲତରୁ ଉକ୍ତ ମିଥ୍ୟା ଫଟୋର ନକଲ ମାଗି ଆଣିବା ପରେ ବଡଯାଆ ବିରୋଧରେ ଶୁକ୍ରବାର ବାରକୋଟ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବାରକୋଟ ପୋଲିସ ଅଭିଯୁକ୍ତ ଯାଆ ବିରୋଧରେ ବିଭିନ୍ନ ଦଫାରେ ଏକ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ଘଟଣା ପ୍ରଘଟ ହେବାପରେ ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ସାଜିଛି।

# ଜବରଦଖଲ ଉଚ୍ଛେଦକୁ ବିରୋଧ କରି ବିଜେଡି ଶସ୍ତା ରାଜନୀତି କରୁଛି

ଝାରସୁଗୁଡ଼ା,୧୯।୭(ସଞ୍ଜୟ ମାଲି)

ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ମୋହନ ସରକାର ନୀତି ନିଷ୍ପତ୍ତି ଗ୍ରହଣ ପୂର୍ବକ ପଦକ୍ଷେପ ଆରମ୍ଭ କରିଛନ୍ତି। ମାତ୍ର ବିଜେଡି ଏହାକୁ ନେଇ ବିରୋଧ କରି ଶସ୍ତା ଲୋକପ୍ରିୟତା ହାସଲ କରିବାକୁ ରାଜନୀତି କରୁଛି ବୋଲି ଶୁକ୍ରବାର ପ୍ରତିକ୍ରିୟା ରଖିଛନ୍ତି ଝାରସୁଗୁଡା ଭାଜପା ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଲ। ଦୀର୍ଘ ୨୫ ବର୍ଷ ଧରି ରିମୋଟରେ ଚାଲିଥିବା ଶାସନର ପର ସମାପ୍ତି ହେବା ସହ ଏବେ ମୋହନ ମାଝୀଙ୍କ ନେତୃତ୍ୱରେ ସାଧାରଣ ଲୋକଙ୍କ ସରକାର ଚାଲିଛି। ସାଧାରଣ ଗରିବ ଲୋକଙ୍କ ଉଚ୍ଛେଦ ପ୍ରତି ପଦକ୍ଷେପ ନେବା ପୂର୍ବରୁ ସେମାନଙ୍କୁ ଥଇଥାନ ଲାଗି ପଦକ୍ଷେପ ନିଆଯାଉଛି। ବିଜେଡି ସରକାର କାଳରେ ଝାରସୁଗୁଡା ପାହାଡି ମନ୍ଦିର ଇଲାକାରେ ଅମାନବୀୟ ଭାବେ ଲୋକଙ୍କୁ ବିତାଡିତ କରାଯାଇଥିଲା। ବିଜେଡି କିଛି କହିବା ପୂର୍ବରୁ ଏସବୁ ଘଟଣାକୁ ଭୁଲିଯିବା ଅନୁଚିତ। ପୂର୍ବ ବିଧାୟିକା ଏଭଳି ହୀନ ରାଜନୀତି କରିବାରୁ କ୍ଷାନ୍ତ ହୁଅନ୍ତୁ ବୋଲି ଜିଲା ଭାଜପା ସାଧାରଣ ସମ୍ପାଦକ କହିଛନ୍ତି। ଯେଉଁମାନେ ବେଆଇନ ଭାବେ ସରକାରୀ ଜମି ମାଡି ବସିବା ସହ ସେଭଳି ଜମିରେ ଥିବା ଦୋକାନକୁ ଭଡାରେ ଲଗାଇ ଅର୍ଥ ଆଦାୟ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମାତ୍ର ସାଧାରଣ ଗରିବ ଲୋକଙ୍କୁ ଉଚ୍ଛେଦ କରିବା ପୂର୍ବରୁ ସେମାନଙ୍କ ଉପଯୁକ୍ତ ଥଇଥାନ ଦିଗରେ ପଦକ୍ଷେପ ନିଆଯାଉଛି। ମାତ୍ର ବିଜେଡି ଗୋଳିଆ ପାଣିରୁ ମାଛ ଧରିବା ଭଳି ଏଥିରୁ ରାଜନୈତିକ ଫାଇଦା ନେବାର ପ୍ରୟାସ କରୁଛି ବୋଲି ଭାଜପା ପକ୍ଷରୁ ଶୁକ୍ରବାର ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ଯେଉଁମାନେ ବେଆଇନ ଭାବେ ସରକାରୀ ଜମିକୁ ମାଡି ବସିବା ସହ ସେଭଳି ଜମିରେ ଥିବା ଦୋକାନକୁ ଭଡାରେ ଲଗାଇ ଅର୍ଥ ଆଦାୟ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମାତ୍ର ସାଧାରଣ ଗରିବ ଲୋକଙ୍କୁ ଅସୁବିଧା ହେବାକୁ ଦିଆଯିବନାହିଁ। ବିଜେଡିର ଅସଲ ଚରିତ୍ର ଲୋକଙ୍କୁ ଜଣା। ଜବରଦଖଲ ଉଚ୍ଛେଦ ନେଇ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ। କେବେ ବେଳେ ବି ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଭୂଲୁଣ୍ଠିତ ହେବାକୁ ଦିଆଯିବ ନାହିଁ ବୋଲି ଝାରସୁଗୁଡା ଭାଜପା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଲ କହିଛନ୍ତି।

# ଦିବ୍ୟାଙ୍ଗ ମହିଳାଙ୍କୁ ମିଳିଲା ବନ୍ଦ ହୋଇଥିବା ଭତ୍ତା ଟଙ୍କା



ଦେବଗଡ଼,୧୯।୭(ଶଶାଙ୍କ ଶେଖର ଝାଙ୍କର)

## ଭାଜପା ନେତାଙ୍କ ହସ୍ତକ୍ଷେପ ପରେ

ପୂର୍ବରୁ ଦିବ୍ୟାଙ୍ଗ ଭତ୍ତା ପାଇ ଆସୁଥିବା ରିଆମାଳ ବ୍ଲକ ବୁଢାପାଳ ଗ୍ରାମପଞ୍ଚାୟତ ସରପାଳ(ହୃଦପାଲି)ଗ୍ରାମର ଦିବ୍ୟାଙ୍ଗ ମହିଳା ପୁଷ୍ପା ଦେହୁରୀଙ୍କ ସମସ୍ତ ବୈଧ କାଗଜପତ୍ର ଥାଇ ମଧ୍ୟ ଗତ ନଭେମ୍ବରରୁ ଦିବ୍ୟାଙ୍ଗ ଭତ୍ତା ପାଉ ନ ଥିଲେ। ଫଳରେ ଆର୍ଥିକ ଅଭାବ ମଧ୍ୟରେ ପୁଷ୍ପା କାଳକାଟିବା ସହ ନିରାଶ ହୋଇପଡିଥିଲେ। ଏ ନେଇ ତାଙ୍କ ସ୍ୱାମୀ ସୁଦର୍ଶନ ଦେହୁରୀ ଗ୍ରାମ ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ସାମାଜିକ ସୁରକ୍ଷା ବିଭାଗ, ଯୋଗାଣ ବିଭାଗ ଓ ଏପରିକି ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ତେବେ ଦେବଗଡ ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ ଗତ ୧୧ ତାରିଖରେ ଭାଜପା ମଣ୍ଡଳ ସଭାପତି ବୀରେନ କୁମାର ପ୍ରଧାନଙ୍କ ପୁଷ୍ପାଙ୍କ ଘରକୁ ଯାଇ ତାଙ୍କ ସମସ୍ୟା ବୁଝିବା ସହ ଏ ନେଇ ଉପ ଜିଲାପାଳ ପରକ୍ଷିତ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପ ଜିଲାପାଳ ସାହୁ ଏହି ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପରେ ପୁଷ୍ପାଙ୍କୁ ଗତ ୧୭ ତାରିଖରେ ପୂର୍ବଭଳି ଦିବ୍ୟାଙ୍ଗ ଭତ୍ତା (ପୂର୍ବରୁ ବକେୟା ଥିବା ଭତ୍ତା ସମେତ) ମିଳିଥିବା ଜଣାପଡିଛି। ଗୁରୁବାର ବୁଢାପାଳ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ତୁଳନସିଂ ନାୟକ ଓ ଏଡିଇଓ ନିଧି ସାହୁ ପୁଷ୍ପାଙ୍କ ଘରକୁ ଯାଇ ଏହି ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ଭତ୍ତା ଟଙ୍କା ପାଇବା ପରେ ପୁଷ୍ପା ଏଥିପାଇଁ ଜିଲା ଭାଜପା ସାଧାରଣ ସମ୍ପାଦକ ଦାଶ ଓ ଉପ ଜିଲାପାଳ ସାହୁଙ୍କୁ ଧନ୍ୟବାଦ ଜଣାଇଥିବା ବେଳେ ଭାଜପା ସାଧାରଣ ସମ୍ପାଦକ ଦାଶ ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।

# ଡ୍ରେନ୍ ନିର୍ମାଣ ପାଇଁ ଦାବି

ଝାରସୁଗୁଡ଼ା,୧୯।୭(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହରସ୍ଥିତ ମୁଖ୍ୟ ମାର୍ଗ ସରବାହାଲ ପର୍ଶୁରାମ ଛକରୁ ସୁନାରିମୁଣ୍ଡା ଛକ ରାସ୍ତା ଗୋଟିଏ ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି କରିବା ସତ୍ତ୍ୱେ ଏ ଯାଏ ଦାବି ପୁରଣ ହୋଇ ନାହିଁ। ରାସ୍ତା ଗୋଟିଏ ପାର୍ଶ୍ୱରେ ଶତାଧିକ ଘର ଥିବା ବେଳେ ଡ୍ରେନ ଅଭାବରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ବାଚନ ସମୟରେ ଜନ ପ୍ରତିନିଧି ଡ୍ରେନ ନିର୍ମାଣ ପାଇଁ ଦୀର୍ଘ ୧୫ ବର୍ଷ ହେଲାଣି ପ୍ରତିଶ୍ରୁତି ଦେଇ ଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ନ ହେବା ବହୁ ଦୁଃଖର ବିଷୟ। ରାଜ୍ୟ ସରକାର ବିଭିନ୍ନ ଯୋଜନାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ କାହିଁକି ଡ୍ରେନ ନିର୍ମାଣ ହେଉନାହିଁ ତାହା ତଦନ୍ତ ସାପେକ୍ଷ। ଡ୍ରେନ ନ ଥିବା ତଥା ପୌର ପରିଷଦ ଅଇଳା ଆବର୍ଜନା ଗାଡ଼ି ପ୍ରତିଦିନ ଆସୁ ନ ଥିବାରୁ ଲୋକେ ଅଇଳା ଆବର୍ଜନା ରାସ୍ତା କଡ଼ରେ ପକାଉଛନ୍ତି। ଏତଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହିତ ଲୋକେ ଏହି ରାସ୍ତା ଦେଇ ଯିବାଆସିବା ସମୟରେ ବ୍ୟାପକ ଦୁର୍ଗନ୍ଧ ହେଉଛି ବୋଲି ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେଇ ଡ୍ରେନ ନିର୍ମାଣ କରିବା ତଥା ଆବର୍ଜନା ଗାଡ଼ି ପ୍ରତିଦିନ ଏହି ଅଞ୍ଚଳକୁ ଆସିବା ପାଇଁ ପାଇଁ ସରବାହାଲ ବାସୀ ଦୀର୍ଘ ଦିନରୁ ଦାବି କରୁଛନ୍ତି।

# ସାର୍ବଜନୀନ ଗଣେଶ ମେଳା କମିଟିର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ



ଦେବଗଡ଼,୧୯।୭(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ଗଣେଶ ମେଳା ଆୟୋଜନ ନିମନ୍ତେ ସ୍ଥାନୀୟ ଦୈନିକ ମୁଖ୍ୟ ବଜାର କୋଠା ସମ୍ମୁଖସ୍ଥ ପୌର ପରିଷଦର ଦୋକାନ କୋଠରୀରେ ଶୁକ୍ରବାର ସାର୍ବଜନୀନ ଗଣେଶ ମେଳା କମିଟିର ଏକ ଅସ୍ଥାୟୀ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। କମିଟି ସଭାପତି ଉମାଶଙ୍କର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ଗଣେଶ ମେଳା ସାର୍ବଜନୀନ ଗଣେଶ ମେଳା କମିଟି ସମ୍ପାଦକ ସୁରଞ୍ଜିତ ମହାପାତ୍ର, ଜନ୍ମାଜୟ ନାୟକ, ସୁଜିତ କୁମାର ପାତ୍ର, ହରେକୃଷ୍ଣ ସାହୁ, ଅଶୋକ କୁମାର ନାୟକ, ସାର୍ବଜନୀନ ଗଣେଶ ମେଳା କମିଟି ପୂର୍ବତନ ସଭାପତି ସୁଶୀଳ କୁମାର କପରଦାର, ମୋହନ ଅଗ୍ରୱାଲା, ଜୟଭଗବାନ ଅଗୱାଲା, ଉପେନ୍ଦ୍ର ଭଞ୍ଜ ଓ ଦୀପକ କୁମାର ଝାଙ୍କରଙ୍କ ସମେତ କମିଟିର ବହୁ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ପୂଜକ ମନୋରଞ୍ଜନ ଶତପଥି ମନ୍ତ୍ରପାଠ ସହ ଗଣେଶଙ୍କ ପୂଜାର୍ଚ୍ଚନା କରିବା ପରେ ଫଟୋଚିତ୍ର କାର୍ଯ୍ୟାଳୟ ମଧ୍ୟରେ ସ୍ଥାପନ କରାଯାଇଥିଲା।

# ବିଧାୟକଙ୍କ ସହ ମହିଳା ଜନକଲ୍ୟାଣ ସଙ୍ଗଠନ କର୍ମକର୍ତ୍ତାଙ୍କ ଆଲୋଚନା

ଦେବଗଡ଼,୧୯।୭(ଶଶାଙ୍କ ଶେଖର ଝାଙ୍କର)

## ସମସ୍ୟାର ସମାଧାନ, ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ

ଦେବଗଡ଼ ଜିଲା ବାରକୋଟ ବ୍ଲକ ସଦର ମହକୁମାସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସହ ଜିଲାରେ ମହିଳାଙ୍କ ପାଇଁ କାର୍ଯ୍ୟ କରୁଥିବା ମହିଳା ଜନକଲ୍ୟାଣ ସଙ୍ଗଠନ କର୍ମକର୍ତ୍ତାମାନେ ବିଭିନ୍ନ ସମସ୍ୟା ଓ ଏଗୁଡିକର ସମାଧାନ ସମ୍ପର୍କରେ ଆଲୋଚନା କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସଙ୍ଗଠନର ଆଞ୍ଚଳିକ ପରିଚାଳକ ବିଭୂତି ଭୂଷଣ ବିନ୍ଧାଣୀ, ବାରକୋଟ ବ୍ଲକ ସଂଯୋଜିକା ଗୋଲାପ ସାହୁ, ତୁଳସୀ ପାତ୍ର, ଆରତୀ ପାତ୍ର, କୁମୁଦିନୀ ନାୟକ, ବାସନ୍ତୀ ପାତ୍ର ଓ ଉର୍ମି ଲିଡର ପୁଷ୍ପାଞ୍ଜଳୀ ପାତ୍ର ପ୍ରମୁଖ ବିଧାୟକ ବିଶ୍ୱାଳଙ୍କୁ ଡାକବଙ୍ଗଳାରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ ଉକ୍ତ ଅଞ୍ଚଳର ସମସ୍ୟାର ସମାଧାନ ଓ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସଙ୍ଗଠନର ଜିଲା ପରିଚାଳିକା ଗୀତାଞ୍ଜଳୀ ମହାନ୍ତି ସଙ୍ଗଠନର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିଧାୟକଙ୍କୁ ଅବଗତ କରାଇବା ସହ ଗତ ଜୁନ ୨୬ ତାରିଖ ୮ଟି ପଞ୍ଚାୟତର ମହିଳାମାନଙ୍କୁ ନେଇ ହୋଇଥିବା ସ୍ୱତନ୍ତ୍ର ମହିଳା ଗ୍ରାମସଭାର ରିଜୋଲୁସନ ନକଲ ପ୍ରଦାନ କରିଥିଲେ। ବିଶେଷ କରି ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ର ସମେତ ଗାଁରେ ପାନୀୟ ଜଳକୁ ନେଇ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ଉପରେ ଉକ୍ତ ମହିଳା ଗ୍ରାମ ସଭାରେ ଆଲୋଚନା କରାଯାଇଥିବା ବେଳେ ସେଗୁଡିକର ସମାଧାନ ପାଇଁ ରିଜୋଲ୍ୟୁଶନ କରାଯାଇଥିଲା। ସେହିପରି ଖରିଫ ଋତୁ ପରେ ଦ୍ୱିତୀୟ ଫସଲ କିପରି ଲାଭଦାୟକ ହେବ ସେ ନେଇ ବିଧାୟକଙ୍କ ସହ ଆଲୋଚନା କରି ଚାଷୀ କିଭଳି ଦ୍ୱିତୀୟ ଫସଲ ପାଇଁ ସରକାରୀ ସାହାଯ୍ୟ ପାଇପାରିବେ ସେ ନେଇ ଚେଷ୍ଟା କରିବାକୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡିଛି।

# ୨୧ରୁ ଫୁଟ୍‌ବଲ ଟୁର୍ନାମେଣ୍ଟ, ୧୫ରେ ଫାଇନାଲ

## ଭାଗ ନେବ ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରୁ ମୋଟ ୧୨ଟି ଦଳ

ଝାରସୁଗୁଡ଼ା,୧୯।୭(ସଞ୍ଜୟ ମାଲି)



ଖବରଦାତା ସମ୍ମିଳନୀରେ ଜୟହିନ୍ଦ କ୍ଳବ କର୍ମକର୍ତ୍ତା ସୂଚନା ପ୍ରଦାନ କରୁଛନ୍ତି।

ଝାରସୁଗୁଡ଼ା ସହରସ୍ଥିତ ମନମୋହନ ସ୍କୁଲ ପଡ଼ିଆରେ ଜୟ ହିନ୍ଦ କ୍ଲବ ପକ୍ଷରୁ ୧୧ତମ ଲିଗ କମ ନୋକ ଆଉଟ ଫୁଟବଲ ଟୁର୍ନାମେଣ୍ଟ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ। ଏହା ଅଗଷ୍ଟ ୧୫ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏ ନେଇ ଆୟୋଜକ ଜୟ ହିନ୍ଦ କ୍ଲବ ପକ୍ଷରୁ ଶୁକ୍ରବାର ସହରସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି ସୂଚନା ପ୍ରଦାନ କରାଯାଇଛି। କ୍ଲବ ସଭାପତି ମୋହନ ମିଶ୍ରା ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଏହି ଟୁର୍ନାମେଣ୍ଟରେ ସମ୍ବଲପୁରରୁ ୨ଟି ଦଳ, ସୁନ୍ଦରଗଡରୁ ୧ ଦଳ ଏବଂ ଝାରସୁଗୁଡାରୁ ୯ ଟି ଦଳ ସର୍ବମୋଟ ୧୨ଟି ଦଳ ଭାଗ ନେବେ। ୨୦ ତାରିଖ ହେବାକୁ ଥିବା ଉଦ୍‌ଘାଟନ ଉତ୍ସବରେ ଦୁଇଟି ମହିଳା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ଏବଂ ୨୧ରୁ ଲିଗ ମ୍ୟାଚ ଖେଳାଯିବ। ଆସନ୍ତା ଅଗଷ୍ଟ ୧୫ ତାରିଖରେ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ବିଜେତା ଦଳକୁ ୨୧୦୦୦ ଟଙ୍କା ପୁରସ୍କାର ରୂପେ ପ୍ରଦାନ କରାଯିବ ଓ ଉପବିଜେତା ଦଳକୁ ୧୬୦୦୦ ଟଙ୍କା ପୁରସ୍କାର ରୂପେ ପ୍ରଦାନ କରାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରୁ କାର୍ଯ୍ୟକାରୀ ସଭାପତି ବାସୁଦେବ ସେଠି, ଉପସଭାପତି ରାଜେନ୍ଦ୍ର ଶ୍ରୀବାସ, ସମ୍ପାଦକ ରିତେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

